আজি -ସୋମବାର
ତାରିଖ - ୦୬ ଜୁଲାଇ ୨୦୨୬
ମାସ - ମିଥୁନ୍, ଦିନ - ୨୨
ତିଥି - ଷଷ୍ଠୀ , ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂର୍ବଭାଦ୍ର, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୨୭: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଅବସରକୁ ଭଲ ପାଅ ନାହିଁ । ଗୋଟିଏ ମିନିଟ୍ ମଧ ସମୟ ନଷ୍ଟ କରନାହିଁ । ସାହସୀ ହୁଅ, ସତ୍ୟକୁ ଅନୁଭବ କର ।"
- ସ୍ୱାମୀ ଶିବାନନ୍ଦ


E-News : www.Ajikali epaper.com

Vol.- 41 ISSUE- 83 R.N.I. REGD. No. 44026/86 ବାଲେଶ୍ୱର ୦୬ ଜୁଲାଇ ୨୦୨୬ ସୋମବାର BALASORE 06 JULY 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ତିନିଦିନିଆ ଇଣ୍ଡୋନେସିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

### ଦୁଇଦେଶ ମଧ୍ୟରେ ସହଭାଗିତାକୁ ଅଧିକ ମଜବୁତ କରିବ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତିନି ଦିନିଆ ଇଣ୍ଡୋନେସିଆ ଗସ୍ତ ଆରମ୍ଭ ହେବାକୁ ଯାଉଛି । ଦୁଇ ଦେଶ ମଧ୍ୟରେ ସହଭାଗୀତାକୁ ଅଧିକ ମଜଭୁତ କରିବା ଏହି ଗସ୍ତର ମୂଳ ଉଦ୍ଦେଶ୍ୟ ରହିଛି । ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗସ୍ତକୁ ନେଇ ଅନେକ ଆଶାବାଦୀ ରହିଛି । ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ଡିଜିଟାଲ୍ ନବସୃଜନର ବ୍ୟବହାର ଏବଂ ଭାରତର ବିକାଶମୂଳକ ସମାଧାନଗୁଡ଼ିକୁ ନିଜ ବିକାଶର ଉତ୍ସ ଭାବେ ଗ୍ରହଣ କରିବା ପାଇଁ ଏହି ଗସ୍ତ ମାର୍ଗ ପ୍ରଶସ୍ତ କରିବ ବୋଲି ଇଣ୍ଡୋନେସିଆ ଆଶାବାଦୀ ରହିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗାମୀ ଇଣ୍ଡୋନେସିଆ ଗସ୍ତ ଏପରି ଏକ ସମୟରେ ହେଉଛି, ଯେତେବେଳେ ଦୁଇ ଦେଶ ମଧ୍ୟରେ ଥିବା ସହଭାଗିତା କେବଳ ପାରମ୍ପରିକ ସହଯୋଗର ସୀମା ଭିତରେ ଆବଦ୍ଧ ହୋଇ ନାହିଁ । ଆଜି ଇଣ୍ଡୋନେସିଆ ଭାରତକୁ କେବଳ ଏକ ରଣନୀତିକ ଅଂଶୀଦାର ଭାବରେ ନୁହେଁ, ବରଂ ପ୍ରଯୁକ୍ତିବିଦ୍ୟା, ନୀତିଗତ ବିଚାର ଏବଂ ବିକାଶମୂଳକ ସମାଧାନର ଏକ ବିଶ୍ୱସ୍ତ ଉତ୍ସ ଭାବରେ ଦେଖୁଛି ।ଖାଦ୍ୟ ସୁରକ୍ଷା ଏବଂ ଡିଜିଟାଲ୍ ଶାସନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, କୃଷି ଏବଂ ପ୍ରତିରକ୍ଷା ପର୍ଯ୍ୟନ୍ତ, ଭାରତର ସଫଳ ଜନକଲ୍ୟାଣକାରୀ ନୀତି ମଡେଲଗୁଡ଼ିକ ଇଣ୍ଡୋନେସିଆର ନିଜସ୍ୱ ବିକାଶ ଯାତ୍ରା ପାଇଁ ମୂଲ୍ୟବାନ ମାର୍ଗଦର୍ଶକ ସାଜୁଛି । ଏହି ପରିପ୍ରେକ୍ଷୀରେ ଭାରତର ଡିଜିଟାଲ୍ ଭିତିଭୂମି ଏବଂ ଆମର ସାଧାରଣ ବଂଟନ ପ୍ରଣାଳୀ, ପୁଷ୍ଟିଯୁକ୍ତ ଚାଉଳ ଯୋଜନା, ସାର ସବସିଡି ସଂସ୍କାର, ଆଗ୍ରିଷ୍ଟାକ୍ ଇତ୍ୟାଦି ସାମାଜିକ କଲ୍ୟାଣକାରୀ ଯୋଜନାଗୁଡ଼ିକ ବିଷୟରେ ଜାଣିବା ଏବଂ ଶିଖିବା ପାଇଁ ଇଣ୍ଡୋନେସିଆର ଅନେକ ପ୍ରତିନିଧି ଦଳ ଭାରତ ଗସ୍ତ କରିଛନ୍ତି । ଏଣୁ ଏହି ଗସ୍ତ ସମୟରେ ନିମ୍ନ କ୍ଷେତ୍ରଗୁଡ଼ିକରେ ସହଯୋଗ ଅଧିକ ମଜଭୁତ ହୋଇପାରେ । ୧. ଡିଜିଟାଲ୍ ପେମେଂଟ୍ କ୍ଷେତ୍ରରେ ସହଯୋଗଇଣ୍ଡୋନେସିଆ ଡିଜିଟାଲ୍ ପେମେଂଟ୍ କ୍ଷେତ୍ରରେ ଭାରତର ଦକ୍ଷତାର ଲାଭ ଉଠାଉଛି । ପ୍ରସ୍ତାବିତ ୟୁପିଆଇ-ୟୁଆର୍ଆଇଏସ୍ (ଟଚଓ-ଛଜଓଝ) ସଂଯୋଗୀକରଣ ଦ୍ୱାରା ଦୁଇ ଦେଶର ପର୍ଯ୍ୟଟକ ଏବଂ ବ୍ୟବସାୟୀମାନେ ବିନା କୌଣସି ବାଧାରେ ସୀମାପାର କାରବାର କରିପାରିବେ । ଏହି ପଦକ୍ଷେପ ପର୍ଯ୍ୟଟନ, ବାଣିଜ୍ୟ ଏବଂ ଡିଜିଟାଲ୍ ବ୍ୟବସାୟକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଥିବାବେଳେ ଏହା କାରବାରକୁ ଅଧିକ ଦ୍ରୁତ, ଶସ୍ତା ଏବଂ ସହଜ କରିବ ।ଇଣ୍ଡୋନେସିଆ ସହିତ ବ୍ୟବସାୟ କିମ୍ବା ପୁଞ୍ଜିନିବେଶ କରୁଥିବା ଭାରତୀୟ ବ୍ୟବସାୟୀ ଏବଂ ପ୍ରତିବର୍ଷ ବାଲି ତଥା ଇଣ୍ଡୋନେସିଆର ଅନ୍ୟାନ୍ୟ ସ୍ଥାନ ଭ୍ରମଣ କରୁଥିବା ପ୍ରାୟ ୧୭ ଲକ୍ଷ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଟଚଓ-ଛଜଓଝ ବ୍ୟବସ୍ଥା ବେଶ୍ ପରିବର୍ତ୍ତନକାରୀ ସାବ୍ୟସ୍ତ ହେବ ।୨. ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର୍ (ଡିପିଆଇ)ଭାରତର ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର୍ ମଧ ସହଯୋଗର ଏକ ପ୍ରମୁଖ କ୍ଷେତ୍ର ଭାବରେ ଉଭା ହୋଇଛି । ଇଣ୍ଡୋନେସିଆର ଓପନ୍ ନେଟଓ୍ୱର୍କ (ଆଇଓଏନ୍) ଭାରତର ଓଏନ୍ଡିସି ମଡେଲ୍ ଦ୍ୱାରା ଅନୁପ୍ରାଣିତ ଏବଂ ଏହାର ଉଦ୍ଦେଶ୍ୟ ହେଉଛି ଇଣ୍ଡୋନେସିଆର ୬.୫ କୋଟିରୁ ଅଧିକ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଏକ ଅଧିକ ମୁକ୍ତ ଏବଂ ସମାବେଶୀ ଡିଜିଟାଲ୍ ବଜାର ସୃଷ୍ଟି କରିବା । ଇରମଳଭ ୨.୦ ଓପନ୍ ପ୍ରୋଟୋକଲ୍ ଉପରେ ଆଧାରିତ ଆଇଓଏନ୍, ଜୁଲାଇ ୭ ଦିନ ମୋଦୀ-ପ୍ରାବୋଓ୍ୱୋ ଶିଖର ସମ୍ମିଳନୀ ଅବସରରେ ପ୍ରଥମ ଲାଇଭ୍ କାରବାର ଆରମ୍ଭ କରିବ ବୋଲି ଆଶା କରାଯାଉଛି ।୩. ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ଭିତିଭୂମିଭାରତର ଡିଜିଟାଲ୍ ସହଭାଗିତା ଏବେ କେବଳ ସଫଳ ମଡେଲ୍ ବାଂଟିବା ମଧ୍ୟରେ ସୀମିତ ନାହିଁ, ବରଂ ଏହା ଇଣ୍ଡୋନେସିଆର ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ମେରୁଦଣ୍ଡ ଗଠନରେ ସାହାଯ୍ୟ କରୁଛି । ଇଣ୍ଡୋନେସିଆର ମହତ୍ୱାକାଂକ୍ଷୀ 'ଡିଜିଟାଲ୍ ନୁସାନ୍ତରା' ପଦକ୍ଷେପର ଲକ୍ଷ୍ୟ ହେଉଛି ଏକୀକୃତ ଏବଂ ପରସ୍ପର ସହ ସଂଯୋଗକ୍ଷମ ଜାତୀୟ ଡିଜିଟାଲ୍ ଭିତିଭୂମି ପ୍ରସ୍ତୁତ କରିବା, ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତା ଏହି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ଉଭା ହେଉଛି ।

## ପୁରୀ-କୋରାପୁଟ ଏକ୍ସପ୍ରେସ ଏବଂ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ ସେବାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀ







ଭୁବନେଶ୍ୱର: ଓଡ଼ିଶାରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ଯାତ୍ରୀ ସେବାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଶ୍ରୀ ମୋହନ ଚରଣ ମାଝୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ୬ ଜୁଲାଇ ୨୦୨୬ରେ ପୁରୀ ରେଳଷ୍ଟେସନରୁ 'ପୁରୀ-କୋରାପୁଟ ଉଦ୍‌ଘାଟନୀ ସ୍ପେଶାଲ' ଏବଂ ବ୍ରହ୍ମପୁର ରେଳଷ୍ଟେସନରୁ 'ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଉଦ୍‌ଘାଟନୀ ସ୍ପେଶାଲ' (ଯାହା ସପ୍ତାହକୁ ୩ ଦିନ ପରିବର୍ତ୍ତେ ଏଣିକି ଦୈନିକ ସେବାରେ ପରିଣତ ହେଉଛି) ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ।ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀବାହୀ ସେବା ଓଡ଼ିଶା ଭିତରେ ଏବଂ ଓଡ଼ିଶା ସହିତ ପଶ୍ଚିମ ଭାରତର ସଂଯୋଗୀକରଣକୁ ଯଥେଷ୍ଟ ଉନ୍ନତ କରିବ, ଏଥିସହିତ ପର୍ଯ୍ୟଟନ, ବାଣିଜ୍ୟ, ନିଯୁକ୍ତି ସୁଯୋଗ ଏବଂ ଆଂଚଳିକ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ । ପୁରୀ-କୋରାପୁଟ ଏକ୍ସପ୍ରେସର ନିୟମିତ ସମୟସୂଚୀ ପୃଥକ ଭାବେ ଜଣାଇ ଦିଆଯିବ ।ପୁରୀ-କୋରାପୁଟ ଏକ୍ସପ୍ରେସର ପ୍ରଚଳନ ଦ୍ୱାରା ପବିତ୍ର ସହର ପୁରୀ ଏବଂ ଆଦିବାସୀ ବହୁଳ ଅଂଚଳ କୋରାପୁଟ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରି ଜନସାଧାରଣଙ୍କ ଏକ ଦୀର୍ଘଦିନର ଆଶାକୁ ପୂରଣ କରିବ । ଏହି ଟ୍ରେନ୍ ରାଜ୍ୟର ବିଭିନ୍ନ ଧାର୍ମିକ ସ୍ଥଳ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ବ୍ୟବସାୟିକ କେନ୍ଦ୍ରଗୁଡ଼ିକୁ ଯାତାୟାତ ସହଜ କରି ଶ୍ରଦ୍ଧାଳୁ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ବହୁ ପରିମାଣରେ ଉପକୃତ କରିବ ।ଏହି ଉଦ୍‌ଘାଟନୀ ସ୍ପେଶାଲ୍ ନିୟମିତ ଟ୍ରେନ୍ ନମ୍ବର ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସର ପ୍ରାରମ୍ଭକୁ ସୂଚିତ କରେ, ଏହି ଟ୍ରେନର ବିସ୍ତୃତ ସମୟସୂଚୀ ପୃଥକ ଭାବରେ ଘୋଷଣା କରାଯିବ । ଏହି ଟ୍ରେନଟି ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ, ଯାହାଫଳରେ ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ରେଳ ସଂଯୋଗୀକରଣ ଅଧିକ ସୁଦୃଢ଼ ହେବ ।ଏହି ଟ୍ରେନ୍ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଚାଲିବ, ଯାହା ସମଗ୍ର ଅଂଚଳର ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ବିକଳ୍ପ ପ୍ରଦାନ କରିବ ।ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ, ଯାହା ବର୍ତ୍ତମାନ ସପ୍ତାହରେ ତିନି ଦିନ ଚଳାଚଳ କରୁଛି, ଏହା ଓଡ଼ିଶାକୁ ଗୁଜରାଟ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗ ଭାବରେ ଉଭା ହୋଇଛି ଏବଂ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳଗୁଡ଼ିକୁ ସେବା ଯୋଗାଇଛି । ଏହାକୁ ଦୈନନ୍ଦିନ ସେବାରେ ପରିଣତ କରିବା ଦ୍ୱାରା ଯାତ୍ରୀଙ୍କ ସୁବିଧା ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଅଧିକ ଯାତ୍ରା ସୁବିଧା ପ୍ରଦାନ କରିବ ।ଏହି ବର୍ଦ୍ଧିତ ସେବା ଶ୍ରମିକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଯାତ୍ରୀମାନଙ୍କର ସୁଗମ ଗତିବିଧିକୁ ସହଜ କରିବ, ଏଥିସହ ପ୍ରମୁଖ ଶିଳ୍ପ, ବାଣିଜ୍ୟ ଏବଂ ନିଯୁକ୍ତି କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗୀକରଣକୁ ସୁଦୃଢ଼ କରିବ । ଏହି ଟ୍ରେନ୍ ଦ୍ୱାରା ସେବା ପାଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ବାଣିଜ୍ୟ, ବ୍ୟବସାୟିକ କାର୍ଯ୍ୟକଳାପ ଏବଂ କର୍ମଚାରୀଙ୍କ ଗତିଶୀଳତାକୁ ମଧ ସମର୍ଥନ କରିବ । ଏହି ନୂତନ ରେଳ ସେବାଗୁଡ଼ିକ ରେଳ ସଂଯୋଗୀକରଣର ସମ୍ପ୍ରସାରଣ, ଯାତ୍ରୀ ସୁବିଧାରେ ଉନ୍ନତି ଏବଂ ସନ୍ତୁଳିତ ଆଂଚଳିକ ବିକାଶକୁ ସମର୍ଥନ କରିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରୁଛି ।

## ଅଳ୍ପରେ ଖବର

▸▸ ଝାଡ଼ଖଣ୍ଡ ବିଧାନସଭାର ବିରୋଧୀ ଦଳ ନେତା ବାବୁଲାଲ ମାରାଣ୍ଡି ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ଦୁଇ ନେତା ସଂଗଠନକୁ ସୁଦୃଢ଼ କରିବା, ଆଗାମୀ ରାଜନୈତିକ ରଣନୀତି ଏବଂ ବିଭିନ୍ନ ସମସାମୟିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

▸▸ ଅମରନାଥ ତୀର୍ଥଯାତ୍ରୀଙ୍କ ଚତୁର୍ଥ ବ୍ୟାଚ୍ ଆଜି ସକାଳେ ଜାମ୍ମୁର ଭଗବତୀ ନଗର ଯାତ୍ରୀ ନିବାସରୁ ଦୁଇଟି ବେସ୍ କ୍ୟାମ୍ପ ପାଇଁ ବାହାରିଛନ୍ତି । ଏହି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୨, ୫୯୦ ଜଣ ତୀର୍ଥଯାତ୍ରୀ ଛୋଟ ବାଲଟାଲ ମାର୍ଗକୁ ବାଛିଥିବା ବେଳେ ୪,୧୩୧ ଜଣ ପାରମ୍ପରିକ ପହଲଗାମ ମାର୍ଗକୁ ବାଛିଥିଲେ ।

▸▸ ଶ୍ରୀଗଙ୍ଗାନଗର ଜିଲ୍ଲାର ସୁରତଗଡ଼ ଅଂଚଳରେ ଆଜି ସକାଳେ ଜାତୀୟ ରାଜପଥ-୬୨ରେ ଏକ ସେନା ଟ୍ରକ୍ ଏବଂ ଏକ ଘରୋଇ ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସଟି ନଷ୍ଟ ହୋଇଯାଇଛି । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସରେ ଥିବା ତିନି ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଚାଷୀମାନଙ୍କୁ ସାର ସଙ୍କଟରୁ ରକ୍ଷା କରିଛି : କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା



ନୂଆଦିଲ୍ଲୀ: ଭାରତ ପାଇଁ ସାର ଏବଂ ସାର କଂଚାମାଲ ବହନ କରୁଥିବା ମୋଟ ୧୫ଟି ଜାହାଜ ସୁରକ୍ଷିତ ଭାବରେ ହର୍ମୁଜ୍ ପ୍ରଣାଳୀ ପାର ହୋଇଛି । ଏହି ଜାହାଜ ମାଧ୍ୟମରେ ଯୋଗାଣ ନିର୍ଦ୍ଧାରିତ ସମୟ ଅନୁଯାୟୀ ଭାରତରେ ପହଂଚୁଛି । ଭାରତୀୟ ବନ୍ଦରଗୁଡ଼ିକରେ ଏହି ଜାହାଜଗୁଡ଼ିକର ଆଗମନ ଦେଶର ସାର ଷ୍ଟକକୁ ଯଥେଷ୍ଟ ବୃଦ୍ଧି କରିବ । ପଶ୍ଚିମ ଏସିଆରେ ସମ୍ପ୍ରତି ସଂଘର୍ଷ ସମୟରେ ହର୍ମୁଜ୍ ପ୍ରଣାଳୀରେ ସାମୁଦ୍ରିକ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲେ ମଧ, ଭାରତ ସରକାର ସମୟୋଚିତ ଯୋଜନା, ପ୍ରଭାବଶାଳୀ ସମନ୍ୱୟ ଏବଂ ନିରନ୍ତର ତଦାରଖ ମାଧ୍ୟମରେ ସାରର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିଛନ୍ତି । ସଙ୍କଟ ସତ୍ତ୍ୱେ, ଭାରତ ସରକାର କୂଟନୈତିକ ଏବଂ ରଣନୈତିକ ପ୍ରୟାସ ମାଧ୍ୟମରେ ଅନେକ ନୂତନ ଦେଶରୁ ସାର ଯୋଗାଣ ସୁରକ୍ଷିତ କରିଛନ୍ତି, ଯାହା ଭାରତର ସାର ଯୋଗାଣ ଶୃଙ୍ଖଳକୁ ଆହୁରି ମଜବୁତ କରିଛି । ଏହି ପ୍ରକ୍ରିୟାରେ, ବିଦେଶରେ ୨୮ଟି ଭାରତୀୟ ମିଶନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ମିଶନଗୁଡ଼ିକ ସମ୍ଭାବ୍ୟ ଉତ୍ପାଦକ ଏବଂ ଯୋଗାଣକାରୀଙ୍କ ସହିତ ଯୋଗାଯୋଗକୁ ସୁଗମ କରିଥିଲା ଏବଂ ସାରର ସମୟସୀମା ଉପଲବ୍ଧତା ସୁନିଶ୍ଚିତ କରିବାରେ ସାର ବିଭାଗକୁ ସକ୍ରିୟ ଭାବରେ ସମର୍ଥନ କରିଥିଲା ।ୟୁରିଆ ପାଇଁ, ଓମାନ, ମାଲେସିଆ, ଭିଏତନାମ, ଜର୍ଜିଆ, ନାଇଜେରିଆ, ରୁଷ, ଫିନଲ୍ୟାଣ୍ଡ, ଇଜିପ୍ଟ, ଆଲଜେରିଆ, ତୁର୍କୀଏ ଏବଂ ନେଦରଲ୍ୟାଣ୍ଡରୁ ଯୋଗାଣ ସଫଳତାର ସହିତ ବ୍ୟବସ୍ଥା କରାଯାଇଛି । ସେହିପରି, ଉଇଚ ଏବଂ ଘଟକ ସାର ପାଇଁ, ରୁଷ, ମରକ୍କୋ, ଇଜିପ୍ଟ, ଯୁକ୍ତରାଷ୍ଟ୍ର, ଜୋର୍ଡାନ, ଦକ୍ଷିଣ କୋରିଆ, ଟ୍ୟୁନିସିଆ ଏବଂ ସାଉଦି ଆରବରୁ ଲୋହିତ ସାଗର ସାମୁଦ୍ରିକ ମାର୍ଗ ଦେଇ ଆବଶ୍ୟକୀୟ ଯୋଗାଣ ସୁରକ୍ଷିତ କରାଯାଇଛି । କେନ୍ଦ୍ର ରସାୟନ ଏବଂ ସାର ମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡା କହିଛନ୍ତି: 'ପଶ୍ଚିମ ଏସିଆରେ ଆରମ୍ଭ ହୋଇଥିବା ସଂଘର୍ଷ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଗୁରୁତର ଭାବରେ ବିପର୍ଯ୍ୟସ୍ତ କରିଥିଲା । ସାର ମୂଲ୍ୟ ବୃଦ୍ଧି ପାଇଥିଲା ଏବଂ ପରିବହନ ସମୟ ଯଥେଷ୍ଟ ବୃଦ୍ଧି ପାଇଥିଲା । ଭାରତ ମଧ ଏହି ବିଶ୍ୱ ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଥିଲା, ଯାହା ଫଳରେ ସାର କଂଚାମାଲ ଏବଂ ପ୍ରସ୍ତୁତ ସାରର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବାରେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା । ତଥାପି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସକ୍ଷମ ନେତୃତ୍ୱରେ, ଭାରତ ସରକାର ଆରମ୍ଭରୁ ସଜାଗ ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିଲା ।'ସେ ଆହୁରି କହିଛନ୍ତି: 'ବିକଳ୍ପ ରାସ୍ତା ଦେଇ ସାର ଆମଦାନୀ କରିବାର ପ୍ରୟାସ ଜୋରଦାର କରାଯାଇଥିଲା । ସମ୍ଭାବ୍ୟ ବିଶ୍ୱ ଉତ୍ପାଦକ ଏବଂ ଯୋଗାଣକାରୀଙ୍କ ସହ ସମ୍ପର୍କ ସ୍ଥାପନ କରିବାରେ ବିଦେଶରେ ଭାରତୀୟ ମିଶନଗୁଡ଼ିକ ସାର ବିଭାଗକୁ ସକ୍ରିୟ ଭାବରେ ସହାୟତା କରିଥିଲେ । ଫଳସ୍ୱରୂପ, ଆମର ସାର ଆମଦାନୀ ଏବଂ ଘରୋଇ ଉତ୍ପାଦନ ଉଭୟ ଆଜି ଏକ ଦୃଢ଼ ସ୍ଥିତିରେ ଅଛି । ଆଂଚଳିକ ଉପଲବ୍ଧତା ଏବଂ ସ୍ୱଚ୍ଛ ବଂଟନ ସୁନିଶ୍ଚିତ କରିବା ପାଇଁ ସାର ବିଭାଗ ରାଜ୍ୟ ସରକାରଙ୍କ ସହିତ ନିରନ୍ତର ସମନ୍ୱୟ ସ୍ଥାପନ କରୁଛି । ସରକାର ସୁନିଶ୍ଚିତ କରୁଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା ଆମର ଚାଷୀମାନଙ୍କୁ ପ୍ରଭାବିତ ନ କରେ । ସମୟୋଚିତ, ସମାନ ଏବଂ ସୁଲଭ ଉପାୟରେ ସେମାନଙ୍କ ପାଇଁ ସାର ଉପଲବ୍ଧ କରାଯାଉଛି ।

## ୭୭ତମ ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଅବସରରେ ଯୋଗ ଦେଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ୭୭ତମ ବନ ମହୋତ୍ସବ ସପ୍ତାହ ଅବସରରେ ଦେବଗଡ଼ ବନଖଣ୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏହି ଅବସରରେ ପ୍ରଭାତି ପରିଡା କହିଛନ୍ତି ଯେ, ପରିବେଶର ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ସବୁଜ ପରିବେଶ ସୃଷ୍ଟି ପାଇଁ ବୃକ୍ଷରୋପଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାରେ ଏହି କାର୍ଯ୍ୟକ୍ରମ ପ୍ରମୁଖ ମାଧ୍ୟମ ସାଜିଛି । ୭୭ ତମ ବନ ମହୋତ୍ସବ ସପ୍ତାହ ଅବସରରେ ଦେବଗଡ଼ ବନଖଣ୍ଡ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ମା' ପାଇଁ ଗଛଟିଏ' ଆହ୍ୱାନର ପ୍ରେରଣାରେ ବୃକ୍ଷରୋପଣ କରିଛନ୍ତି ପ୍ରଭାତି ପରିଡା । ୭୭ତମ ବନ ମହୋତ୍ସବ ସପ୍ତାହ ଅବସରରେ ଦେବଗଡ଼ଠାରେ ଭ୍ରାମ୍ୟମାଣ ସବୁଜ ରଥର ଶୁଭାରମ୍ଭ କରାଗଲା । ଏହି ସବୁଜ ରଥ ବନୀକରଣ ଓ ପରିବେଶ ସୁରକ୍ଷାର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ସହ ସବୁଜ ଓ ସ୍ୱଚ୍ଛ ପରିବେଶ ଗଠନ ପାଇଁ ସଚେତନତା ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ ଦେବଗଡ଼ର ବିଧାୟକ ଶ୍ରୀ ରୋମାଂଚ ରଞ୍ଜନ ବିଶ୍ୱାଳ, ଦେବଗଡ଼ର ଜିଲ୍ଲାପାଳ ଶ୍ରୀ କବିନ୍ଦ୍ର କୁମାର ସାହୁ, ଦେବଗଡ଼ ବନଖଣ୍ଡର ଅଧିକାରୀଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ ।

## ଶାନ୍ତି ଶୃଙ୍ଖଳାର ସହ ସରିଲା ଓଟିଇଟି ପରୀକ୍ଷା




ଭୁବନେଶ୍ୱର: ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଆଜି ହୋଇଛି । ଏହି ପରୀକ୍ଷା ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଛି । ପ୍ରଥମ ଅଧିବେଶନ ସକାଳ ୯ ରୁ ଆରମ୍ଭ ହୋଇ ୧୧.୩୦ ରେ ଶେଷ ହୋଇଛି । ଦ୍ୱିତୀୟ ଅଧିବେଶନ ଅପରାହ୍ନ ୨ ଟାରୁ ଆରମ୍ଭହୋଇ ୪.୩୦ ରେ ଶେଷ ହୋଇଛି ।ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିବା ସହ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ପରୀକ୍ଷା ଦେଉଥିବା ସାଧାରଣ ପରୀକ୍ଷାର୍ଥୀ, ଭିନ୍ନକ୍ଷମ ପରୀକ୍ଷାର୍ଥୀ ଓ ସେମାନଙ୍କ ସହାୟକଙ୍କ ସହ ସେମାନଙ୍କୁ ପରୀକ୍ଷା କେନ୍ଦ୍ର ଉପଲବ୍ଧ ସୁବିଧା ବିଷୟରେ ଆଲୋଚନା କରିଥିଲେ । ଏଥିସହିତ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଥିବା କମାଣ୍ଡ କଂଟ୍ରୋଲ ସେଂଟରକୁ ବୁଲି ଦେଖିଥିଲେ । ଲାଇଭ ସିସିଟିଭି ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ପରିଷଦର ବରିଷ୍ଠ ଅଧିକାରୀମାନଙ୍କ ରାଜ୍ୟର ବିଭିନ୍ନ ପରୀକ୍ଷାକେନ୍ଦ୍ର ପରିଦର୍ଶନକୁ ଅନୁଧାନ କରିଥିଲେ । ପରିଷଦର ସଭାପତି ଶ୍ରୀକାନ୍ତ ତରାଇଙ୍କ ଉପସ୍ଥିତିରେ ପରୀକ୍ଷା ପରିଚାଳନା ସମ୍ବନ୍ଧରେ, ସମସ୍ତ ୩୧୧ ପରୀକ୍ଷାକେନ୍ଦ୍ରରେ ଲାଗିଥିବା ଲାଇଭ ସିସିଟିଭି ସର୍ଭିଲାନ୍ସ ଓ ଡିଜି ଲକ୍ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିସହିତ ଟେକ୍ନିକାଲ ଟିମ୍ ଙ୍କ ସହ ଆଲୋଚନା କରି ସଂପୂର୍ଣ୍ଣ ତଥ୍ୟ ଅବଗତ ହୋଇଥିଲେ । ସୁଚାରୁରୂପେ ଓ ନିର୍ବିଘ୍ନ ଭାବେ ପରିଚାଳିତ ପରୀକ୍ଷା ବ୍ୟବସ୍ଥାକୁ ଶାସନସଚିବ ପ୍ରଶଂସା କରିଥିଲେ । ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଏହି ସମୟରେ ଉପସ୍ଥିତ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିତ୍ୟାନନ୍ଦ ବାରିକ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମନୋରଞ୍ଜନ ବାରିକଙ୍କ ସହ ମଧ ପରୀକ୍ଷା ପରିଚାଳନା ବିଷୟରେ ଆଲୋଚନା କରିଥିଲେ । ଏହି ସମୟରେ ପରିଷଦର ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଏସ୍ଆଇଆର ଚିଠା ତାଲିକା ପ୍ରକାଶ: ରାଜ୍ୟରେ କଟିଲା ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ



ଭୁବନେଶ୍ୱର : ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟ ଓଡ଼ିଶା ଶେଷ ହୋଇଛି । ଏଥିସହ ଚିଠା ଭୋଟର୍ ତାଲିକା ପ୍ରକାଶ ପାଇଛି । ଏହି ତାଲିକା ଅନୁସାରେ ପ୍ରାୟ ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ କଟିଛି । ରାଜ୍ୟରେ ବର୍ତ୍ତମାନ ୩ କୋଟି ୧୩ ଲକ୍ଷ ଭୋଟର ରହିଛନ୍ତି । ଓଡ଼ିଶାରେ ୩୧ ଟି ନିର୍ବାଚନ ଜିଲ୍ଲା ହୋଇଛି । ନୂତନ ଭାବେ ଭୁବେନେଶ୍ୱର ନିର୍ବାଚନ ଜିଲ୍ଲା ହୋଇଛି । ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍ ଗୋପାଳନ ସୂଚନା ଦେଇଛନ୍ତି ।ଚିଠା ତାଲିକା ପ୍ରସ୍ତୁତ ହୋଇ ରାଜନୈତିକ ଦଳକୁ ଦିଆଯାଇଛି । ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଭୋଟର ଥିବା ବେଳେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଭୋଟର ସେମାନଙ୍କ ଫର୍ମ ଦାଖଲ କରିଛନ୍ତି ୨୦ ଲକ୍ଷ ୧୪ ହଜାର ଲୋକଙ୍କ ନାମ ବାଦ ପଡିଥିବା ବେଳେ ଏଠି ମଧ୍ୟରୁ ମୃତ ବ୍ୟକ୍ତିଙ୍କ ସଂଖ୍ୟା ୮ ଲକ୍ଷ ୩୨ ହଜାର ଭୋଟର ରହିଛନ୍ତି । ସ୍ଥାନାନ୍ତରିତ /ଅନୁପସ୍ଥିତ ପାଇଁ ୧୦ ଲକ୍ଷ ୭ ହଜାର । ଭୋଟର ତାଲିକାରେ ଏକାଧିକ ସ୍ଥାନରେ ପଞ୍ଜିକୃତ ରହିଛି । ସେହିଭଳି ୧ ଲକ୍ଷ ୫୮ ହଜାର ଓ ଅନ୍ୟ କାରଣ ପାଇଁ ୧୪ ହଜାର ଭୋଟର ରହିଛନ୍ତି ।ରାଜ୍ୟରେ ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୬ ପୁରୁଷ ଭୋଟର ଥିବା ବେଳେ ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ ଜଣ ମହିଳା ଭୋଟର ରହିଛନ୍ତି । ସେହିଭଳି ୨ ହଜାର ୭୭୫ ଜଣ ତୃତୀତ ଲିଙ୍ଗୀ ଭୋଟର ରହିଛନ୍ତି ।ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆହୁରି କହିଛନ୍ତି ଯେ, ପ୍ରାଥମିକତା ଭାବେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିଠା ତାଲିକାରୁ ବାଦ ଦିଆଯାଇଛି । ଏହି ଭୋଟମାନେ ସେମାନଙ୍କ ନାଗରିକତ୍ୱର କୌଣସି ପ୍ରମାଣ ଦେଇପାରିନାହାନ୍ତି କିମ୍ବା ମ୍ୟାପିଂ ସମୟରେ ସେମାନଙ୍କ ନାମ ଆସିପାରିନାହିଁ । ଦେହାନ୍ତ ହୋଇଯାଇଥିବା ଭୋଟରଙ୍କ ନାମ ମଧତାଲିକାରୁ ବାଦ୍ ଦିଆଯାଇଛି ।ଯଦି ଭୁଲରେ କାହାର ନାଁ କଟିଥିବ ସେ ଆବେଦନ କରିପାରିବେ ।ନାଁ ନଥିଲେ ଫର୍ମ-୬ର ଆନେକ୍ସର-୪ ଅନୁଯାୟୀ ଆବେଦନକରି ହେବ । ସେହିଭଳି ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ଆବେଦନ କରିବାକୁ ଆହ୍ୱାନ କରିଛନ୍ତି ସିଇଓ । ଗତ ମେ' ୨୮ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବିଧାନସଭା ଆସନରେ ଏସ୍ଆଇଆର ପ୍ରକ୍ରିୟା ଚାଲିଥିଲା । ଏଥିରେ ନିୟୋଜିତ ବିଏଲ୍ଓ (ବୁଥ୍ ଲେଭଲ୍ ଅଫିସର) ଭୋଟରଙ୍କଠାରୁ ଫର୍ମ ପୂରଣ କରି ଆଣିଥିଲେ । ପରେ ସେସବୁର ଡିଜିଟାଇଜେସନ୍ କରାଯାଇଥିଲା । ଏଥିରେ ଯେଉଁମାନେ ଆବଶ୍ୟକ ଡକ୍ୟୁମେଂଟ ଦେଇପାରିଛନ୍ତି ସେମାନଙ୍କ ନାମ ଭୋଟର ତାଲିକାରେ ରହିଛି । ଯେଉଁମାନେ ଦେଇପାରି ନାହାନ୍ତି ସେମାନଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି । ଯେଉଁ ଭୋଟରମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ନାମକୁ ମଧ ତାଲିକାରୁ ବାଦ୍ ଦିଆଯାଇଛି । ଆଜିଠୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ଏଥି ସମ୍ବନ୍ଧୀୟ ଦାବି ଓ ଆପତି ଗ୍ରହଣ କରାଯିବ । ଅର୍ଥାତ ଯେଉଁମାନଙ୍କର ଭୋଟର ତାଲିକାରୁ ନାମ କଟିଯାଇଛି ସେମାନଙ୍କ ନିକଟରେ ଯଦି ଆବଶ୍ୟକ ଦସ୍ତାବିଜ୍ ରହିଥାଏ ସେସବୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ । ଦାବି ଓ ଆପତିର ସମସ୍ତ ଯାଂଚ୍ ଓ ଫଇସଲା ଅଗଷ୍ଟ ୪ତାରିଖରୁ ସେପଟ୍ମେର ୨ତାରିଖ ମଧ୍ୟରେ ସମ୍ପନ୍ନ ହେବ । ସେପଟ୍ମେର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ଦାବି ଓ ଆପତ ଗ୍ରହଣ ଏବଂ ତାହାର ଫଇସଲା ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତାର ସହ ସମ୍ପାଦନ କରାଯିବ । କୌଣସି ଜଣେ ବି ଯୋଗ୍ୟ ମତଦାତା ଯେପରି ତାଲିକାରୁ ବାଦ୍ ନପଡ଼ନ୍ତି ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ ।



# ବାଲେଶ୍ୱର ଜିଲ୍ଲାର ଭୋଟର ତାଲିକା ପ୍ରକାଶିତ



ବାଲେଶ୍ୱର(ନିପ୍ର): ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅନୁଯାୟୀ ଆଜି ସନ୍ଧ୍ୟା ୫.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି । ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଝୁଣ୍ଟିଆଙ୍କ ଅଧକ୍ଷତାରେ ଏହି ଚିଠା ଭୋଟର ତାଲିକା ଉନ୍ମୋଚିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଏବଂ ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଏକ ସ୍ୱଚ୍ଛ, ନିର୍ଭୁଲ ଓ ସମୃଦ୍ଧ ଭୋଟର ତାଲିକା ପ୍ରସ୍ତୁତ କରିବାରେ ସେମାନଙ୍କର ସହଯୋଗ କାମନା କରିଥିଲେ । ଏହାପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଚିଠା ଭୋଟର ତାଲିକାର ହାର୍ଡ କପି ସମସ୍ତ ରାଜନୈତିକ ଦଳର ସଭାପତି ଓ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଚିଠା ଭୋଟର ତାଲିକାରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଛି । ବିଗତ ଦିନରେ ବୁଥ୍ ସ୍ତରୀୟ ଅଧିକାରୀ (ଈଖଢ) ମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ଆଧାରରେ ନୂତନ ଭୋଟରଙ୍କ ନାମ ସାମିଲ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦିଆଯାଇ ଏହି ଚିଠା ତାଳିକା ପ୍ରସ୍ତୁତ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ଆଜି ଅର୍ଥାତ୍ ୫ ଜୁଲାଇ ୨୦୨୬ ଠାରୁ ଏହି ଚିଠା ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ । ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇନାହିଁ କିମ୍ବା କାହାର ନାମ, ବୟସ, ଠିକଣା ବା ଫଟୋରେ କିଛି ତ୍ରୁଟି ରହିଛି, ତେବେ ସେମାନେ ସଂଶୋଧନ ପାଇଁ ଆବେଦନ କରିପାରିବେ । ଆଗାମୀ ଏକ ମାସ ପର୍ଯ୍ୟନ୍ତ (ଅର୍ଥାତ୍ ଅଗଷ୍ଟ ୪, ୨୦୨୬ ପର୍ଯ୍ୟନ୍ତ) ଦାବି ଓ ଆପତି ଅଭିଯୋଗ ଗ୍ରହଣ କରାଯିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର, ନିର୍ବାଚନ ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ପଦାଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ

ନୀଳଗିରି(ନିପ୍ର): ନୀଳଗିରି ର ଅଗ୍ରୀଣ ସ୍ୱେଚ୍ଛାସେବୀ ଶିକ୍ଷାନୁଷ୍ଠାନ ଡିଭାଇନ ଏଜୁକେଶନାଲ ଏଣ୍ଡ୍ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୭୭ତମ ବନ ମହୋତ୍ସବ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜ ସେବୀ ତଥା ପ୍ରକୃତି ପ୍ରେମୀ ଓ ଚିତ୍ର ଶିଳ୍ପୀ କେଶୁ ଦାସ, ମୁଖ୍ୟ ଅତିଥି ଭାବେ ନୀଳଗିରି ବନ ଅଧିକାରୀ ମନ ୱ୍ୱାର୍ ଖାନ୍ ମଞ୍ଚାସୀନ ଥିଲେ । ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ମହାପ୍ରଭୁଙ୍କ ଚରଣରେ ପ୍ରଦୀପ ପ୍ରଜ୍ୱଳନ କର ବନ୍ଦାପନାପୂର୍ବକ ବେଦ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା ଅତିଥିଙ୍କୁ ପୁଷ୍ପ ଗୋଛ ଓ ଉତରୀୟ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ୧୫୦ଟି ବୃକ୍ଷ କୁ ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା ଓ ଅଳ୍ପ କିଛି ବୃକ୍ଷ ଡିଭାଇନ ପ୍ରାଙ୍ଗଣରେ ରୋପଣ କରାଯାଇଥିଲା । ନୀଳଗିରି ରାଜରାସ୍ତାରେ ବୃକ୍ଷର ସଚେତନତା ଶୋଭାଯାତ୍ରା କରାଯାଇଥିଲା । ବୃକ୍ଷ ଆମ ପାଇଁ ପ୍ରାଣ ଓ ଭଗବାନ, ତଥା ବୃକ୍ଷ କୁ ପ୍ରତି ପରିବାର ମା ରୂପରେ ଗ୍ରହଣ କରି ଯତ୍ନ ନେବା ଉଚିତ । ବିଶ୍ୱରେ ବଂଚିବା ନିମନ୍ତେ ବୃକ୍ଷ ହିଁ ଲଗାଇବା ଜରୁରୀ । ଜଙ୍ଗଲରେ ନିଆଁ ଲଗେଇବା ନାହିଁ, ଗଛ କାଟିବା ନାହିଁ । ଶେଷରେ ଟ୍ରଷ୍ଟର ସହକର୍ମୀ ଭାବନା ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଛାତ୍ର ସମାବେଶ ପାଇଁ ବିଜେପି ଯୁବ ମୋର୍ଚ୍ଚାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାଲେଶ୍ୱର(ନିପ୍ର): ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ରେ ବାଲେଶ୍ୱର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ହେବାକୁ ଥିବା ଛାତ୍ର ସମାବେଶ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ ଙ୍କ ଅ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ପୁର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ସଭାପତି ତଥା ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଉତରର ପ୍ରଭାରୀ ଉମାକାନ୍ତ ମହାପାତ୍ର, ଓଡ଼ଶା ସଦର ବିଧାୟକ ମାନସ ଦତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଚନ୍ଦ୍ର ଶେଖର ନନ୍ଦ, ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ବିଜୟ ସାହୁ, ସମ୍ପାଦକ ରାଜେଶ ମହାପାତ୍ର, ଚିତରଞ୍ଜନ ପଣ୍ଡା, ଜିଲ୍ଲା କୋଷାଧକ୍ଷ ମୋହିତ ପୋଦ୍ଦାର ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶି କାନ୍ତ ମିଶ୍ର, କାର୍ଯ୍ୟ କାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ ଙ୍କ ସମେତ କ୍ରିଷ୍ଣା ଶାହା, କାର୍ତିକ ଗିରି, ଉମାକାନ୍ତ ପଣ୍ଡା, ଅଜିତ୍ ପାଢ଼ୀ, ନିଗମାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ଆସନ୍ତା କାଲି ୦୬ ଜୁଲାଇ ସୋମବାରରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ଏହି ଛାତ୍ର ସମାବେଶ କୁ କିପରି ସଫଳ କରାଯିବ ସେ ବିଷୟ ରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଆଲୋଚନା କରିବା ସହ , ସମସ୍ତ ଦାୟିତ୍ୱ ବଂଟନ କରିଥିଲେ, ତେବେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରର ବନ, ପରିବେଶ ଓ ଜଳବାୟୁ ପରିବର୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗର ରାଜ୍ୟମନ୍ତ୍ରୀ ଯୋଗ ଦେବେ ବୋଲି ସାଂସଦ ସୂଚନା ଦେଇଥିଲେ ।

# ଆତିଥ୍ୟ ମଣ୍ଡପ ଠାରେ ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ




ବାଲେଶ୍ୱର(ନିପ୍ର): ସହରର ଆତିଥ୍ୟ ମଣ୍ଡପ ଠାରେ ବାଲେଶ୍ୱର ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ର ଜିଲ୍ଲା ପ୍ରଭାରୀ କରୁଣାକର ଶିଅଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାରତ ସ୍ୱାଭିମାନ ଟ୍ରଷ୍ଟ ର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦେଇ ଯୋଗ ଏକ ପ୍ରାଚୀନ ଅଭ୍ୟାସ ଯାହା ଶରୀର ମନ ଏବଂ ଆତ୍ମା ମଧ୍ୟରେ ସମନ୍ୱୟକୁ ପ୍ରୋତ୍ସାହିତ କରେ । ଏହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ଉନ୍ନତ କରିବା ପାଇଁ ଶାରୀରିକ ଆସନ, ଶ୍ୱାସକ୍ରିୟା ବ୍ୟାୟାମ (ପ୍ରାଣାୟାମ)ଏବଂ ଧ୍ୟାନକୁ ମିଶ୍ରଣ କରେ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ସାଧନା ଦାସ,ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ, ମହିଳା ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ଯଶମତି ଶିଅଳ ପ୍ରମୁଖ ମଂଚାସିନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ୍ ପ୍ରଭାରୀ ଅକ୍ଷୟ କୁମାର ସାହୁ, ସୋସିଆଲ ମିଡିଆ ପ୍ରଭାରୀ ଗୋପବନ୍ଧୁ ମଲ୍ଲିକ, ମିଡିଆ ପ୍ରଭାରୀ ଯାମିନୀ କାନ୍ତ ପାତ୍ରଙ୍କ ସମେତ ବହୁ ସଦସ୍ୟ, ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ପ୍ରଭାରୀ ମନୋଜ ଦେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଡିଜିଟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ଆଜି ପୂର୍ବାହ୍ନ ୧୧ଘଟିକାରେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ଜିଲ୍ଲା ବିଜେପି କାର୍ଯ୍ୟଳୟରେ ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ମହିଳା ମୋର୍ଚ୍ଚା ପକ୍ଷରୁ ଡିଜିଟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି, ଏହି କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ବୁଥସ୍ତରରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ରସ୍ତରର କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଆଜି ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ମଂଚାସିନ ଥିଲେ, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସାବିତ୍ରୀ ରାଉତ୍ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନାରୀ ନେତ୍ରୀ ପ୍ରିୟା ରାଣୀ ମଲ୍ଲିକ ମଂଚ ପରିଚାଳନା କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାନେତ୍ରୀ ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର, ଡିଏଲ୍‌ପି ସଂଯୋଜକ ତଥା ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସହ ସଂଯୋଜକ ଦିବ୍ୟା ଭାରତୀ ଜେନା, ଜିଲ୍ଲା ସମ୍ପାଦକ ଚିତରଞ୍ଜନ ପଣ୍ଡା, ସଂଯୁକ୍ତା ମହାପାତ୍ର, ଅଭିପ୍ସା ନାୟକ, ଛବି ରାଣୀ ନନ୍ଦ, ମହୁଆ ପ୍ରଧାନ, ସୁକାନ୍ତି ଦେବଗୋସ୍ୱାମୀ, ପାର୍ବତୀ ଜେନା , ସୁମିତ୍ରା ପରିଡା, କନକଲତା ଦାସ, ବିନୀତା ମୁର୍ମୁ, ଆଶ୍ରିତା ତରେଇ, ପ୍ରଶାନ୍ତି ପଣ୍ଡା, ପୁଷ୍ପାଞ୍ଜଳି ପଣ୍ଡା, ଦିବ୍ୟା ଭାରତୀ ଦାଶଙ୍କ ସମେତ ଜିଲ୍ଲା ର ସମସ୍ତ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ, ସମସ୍ତ ମହିଳା ୱାର୍ଡ କାଉନସିଲର, ମହିଳା ସରପଂଚ ପ୍ରମୁଖ ଉପସ୍ଥିତ ଥିଲେ । କର୍ଯ୍ୟକ୍ରମର ଆରମ୍ଭରେ ରାଷ୍ଟ୍ରିୟ ବନ୍ଦନା ଗାନ କରାଯାଇଥିଲା । ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଶେଷରେ ସବିତା ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ପକ୍ଷରୁ ଅମୃତଧାରା ବୃଦ୍ଧାଶ୍ରମର ୪୦ ବୃଦ୍ଧଙ୍କୁ ବାବା ଆଖଣ୍ଡଳମଣିଙ୍କ ପବିତ୍ର ଦର୍ଶନ



ବାଲେଶ୍ୱର(ନିପ୍ର): ସମାଜସେବା ଓ ମାନବ କଲ୍ୟାଣ ପ୍ରତି ନିଜର ନିରନ୍ତର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ପକ୍ଷରୁ ଅମୃତଧାରା ବୃଦ୍ଧାଶ୍ରମର ୪୦ ଜଣ ବୃଦ୍ଧଙ୍କୁ ଭଦ୍ରକ ଜିଲ୍ଲାର ଆରଡ଼ିଠାରେ ଅବସ୍ଥିତ ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପବିତ୍ର ଧାମକୁ ଏକ ଦିବ୍ୟ ଓ ଆଧାତ୍ମିକ ଯାତ୍ରାରେ ନେଇ ସଫଳତାର ସହ ପବିତ୍ର ଦର୍ଶନ କରାଯାଇଥିଲା । ଏହି ପବିତ୍ର ଅବସରରେ ସମସ୍ତ ବୃଦ୍ଧମାନଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହ ବାବା ଆଖଣ୍ଡଳମଣିଙ୍କ ପବିତ୍ର ଦର୍ଶନ କରାଯାଇଥିଲା । ସେମାନଙ୍କ ସହ ପ୍ରେମ, ସମ୍ମାନ ଓ ଆତ୍ମୀୟତାର ସହ ସମୟ ଅତିବାହିତ କରାଯାଇଥିଲା । ଯାତ୍ରା ସମୟରେ ସମସ୍ତ ବୃଦ୍ଧମାନଙ୍କ ପାଇଁ ସୁରକ୍ଷିତ ଯାତାୟାତ, ପୌଷ୍ଟିକ ଭୋଜନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ସୁଚାରୁ ବ୍ୟବସ୍ଥା କରାଯାଇଥିଲା । ଏହି ଆଧାତ୍ମିକ ଯାତ୍ରା ବୃଦ୍ଧମାନଙ୍କ ମନରେ ଅପାର ଆନନ୍ଦ, ଶାନ୍ତି ଓ ନୂତନ ଉତ୍ସାହ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅମୃତଧାରା ବୃଦ୍ଧାଶ୍ରମର ପ୍ରତିଷ୍ଠାତା ଡଃ ସରୋଜ କୁମାର ମହାପାତ୍ର ଏବଂ ତାଙ୍କ ସମଗ୍ର ଦଳର ବିଶେଷ ସହଯୋଗ ରହିଥିଲା । ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ପକ୍ଷରୁ ସେମାନଙ୍କ ପ୍ରତି ହୃଦୟଙ୍ଗମ କୃତଜ୍ଞତା ଓ ଧନ୍ୟବାଦ ଜଣାଯାଇଛି । ସଂସ୍ଥାର ଅଧକ୍ଷା ଶ୍ରୀମତୀ ଏସ୍. ଗୀତାଞ୍ଜଳି କହିଥିଲେ ଯେ, ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କେବଳ ଧାର୍ମିକ ଦର୍ଶନ କରାଇବା ନୁହେଁ, ବରଂ ବୃଦ୍ଧମାନଙ୍କୁ ସମ୍ମାନ, ସ୍ନେହ, ଆତ୍ମୀୟତା ଓ ଆଧାତ୍ମିକ ଆନନ୍ଦ ପ୍ରଦାନ କରିବା । ସେ କହିଥିଲେ, "ବୃଦ୍ଧମାନଙ୍କ ସେବା ହିଁ ପ୍ରକୃତ ମାନବ ସେବା । ସେମାନଙ୍କ ଆଶୀର୍ବାଦ ହିଁ ଆମ ଜୀବନର ସର୍ବଶ୍ରେଷ୍ଠ ସମ୍ପଦ ଓ ପ୍ରେରଣା ।" ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ଆଗାମୀ ଦିନରେ ମଧ୍ୟ ସମାଜର ବୃଦ୍ଧ, ଅସହାୟ ଓ ଆବଶ୍ୟକତାସମ୍ପନ୍ନ ଲୋକଙ୍କ କଲ୍ୟାଣ ପାଇଁ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ନିରନ୍ତର ଆୟୋଜନ କରିବ ବୋଲି ସୂଚନା ଦେଇଛି ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ବାଲେଶ୍ୱର(ନିପ୍ର): ଡାକ୍ତରମାନଙ୍କ ଧର୍ମଘଟଯୋଗୁଁ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଏକ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲା । ରାଜ୍ୟ ସରକାର ଡାକ୍ତରମାନଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ହୋଇ ଡାକ୍ତରମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି । ଶନିବାର ସନ୍ଧ୍ୟାରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ସାପ୍ତାହିକ ବୈଠକରେ ଜନସାଧାରଣଙ୍କର ବୃହ□ର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହ ଡାକ୍ତର ସଂଘର ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ନିଷ୍ପତି ନେଇଥିବାରୁ ଉଭୟ ପକ୍ଷଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଛି । ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବିଗୁଡ଼ିକୁ ରାଜ୍ୟ ସରକାର ପୁନଶ୍ଚ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବାକୁ କ୍ରିୟାନୁଷ୍ଠାନ କମିଟି ବୈଠକରେ ସରକାରଙ୍କ ଠାରେ ଦାବି କରାଯାଇଛି । ଗତ ମାସ ୨୮ ତାରିଖ ଦିନ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲାସ୍ତରୀୟ ବୈଠକରେ ବହୁ ବିଚାର ବିମର୍ଶ ପରେ ବାଲେଶ୍ୱରରେ ସ୍ୱାସ୍ଥ୍ୟ ସେବାରେ ଥିବା ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା । ଏଥିପାଇଁ ଚଳିତ ମାସ ଶେଷ ସପ୍ତାହରେ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣତାନ୍ତ୍ରିକ ପଦ୍ଧତିରେ ଦିନିକିଆ ଗଣଧାରଣା ଓ ଅଗଷ୍ଟ ପହିଲାଦିନ ୧୬ ନମ୍ବର ଜାତୀ ରାଜପଥ ପାର୍ଶ୍ୱରେ ଥିବା ଏମ୍ସ ସାଟେଲାଇଟ୍ ସେଂଟର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ବୈଠକରେ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସମସ୍ତ ବ୍ଲକ୍ ଓ ଶାଖା କମିଟିମାନଙ୍କର ବୈଠକ ତୁରନ୍ତ ଆହ୍ୱାନ କରାଯାଇଛି । ଏହି ବୈଠକଗୁଡ଼ିକରେ ଜିଲ୍ଲା କମିଟିର କମକର୍ତାମାନେ ଯୋଗଦେବାକୁ ତାଲିକା ପ୍ରସ୍ତୁତ ହୋଇଛି । ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ଗତ ବୈଠକର ନିଷ୍ପତିଗୁଡ଼ିକ ଉପସ୍ଥାପନ କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ସର୍ବଶ୍ରୀ ନିରଞ୍ଜନ ରାଉତ, ପ୍ରଫୁଲଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଶଚୀନ୍ଦ୍ର ଦାସ, ଶଶାଙ୍କ ଦତ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ବିଜନ ଦେ, ଶତ୍ରୁଘ୍ନ ମଲ୍ଲିକ, ଅରୁଣ ଜେନା, ଯତୀନ୍ ପାତ୍ର, ନିରଞ୍ଜନ ପୋଥାଳ, ପୁରୁଷୋତମ ଜେନା, ଗୋପିକିଶନ ଜେନା, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୋଷାଧକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ହିସାବ ଆଗତ କରିଥିଲେ । ଶେଷରେ ଭରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ ।

# ଭିଜନ ଗୁରୁକୁଳ ପକ୍ଷରୁ ବାର୍ଷିକ ଯୁବ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ



କଟକ(ନିପ୍ର): ଭିଜନ ଗୁରୁକୁଳ ଏମିତି ଏକ ଶିକ୍ଷା ପ୍ରତିଷ୍ଠାନ ଯେଉଁଠାରେ ସ୍ୱପ୍ନ ସଫଳତାରେ ପରିଣତ ହୁଏ । ଶିକ୍ଷା ସଫଳତାର ପଥ ଆଲୋକିତ କରେ, ଶାନ୍ତିର ସଂସ୍କୃତି ଗଠନ କରେ । ଗୁରୁକୁଳ ଭିଜନ ପିଲାମାନଙ୍କୁ ଶିକ୍ଷା ସହିତ ନାଚ, ଗୀତ, ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିଜ ଯାହା ଗୋଟେ ପିଲାର ଭବିଷ୍ୟତ ଉଜ୍ଜ୍ୱଳ କରିବା ସହିତ ଚରିତ୍ର ଗଠନ କରିଥାଏ । ଏହି ଭିଜନ ଗୁରୁକୁଳର ଯୁବ ବାର୍ଷିକ ସମ୍ମିଳନୀ ଦରଘା ବଜାରସ୍ଥିତ ନେତାଜୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ଚଳିତ ବର୍ଷ ବାର୍ଷିକ ପରୀକ୍ଷାରେ ଟପ୍ପର ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ବିଭିନ୍ନ କରିକୁଲାର ଆକ୍ଟିଭିଟିଜରେ ନିଜର ପ୍ରତିଭା ପ୍ରଦର୍ଶନ କରି ସଫଳ ହୋଇଥିବା ପିଲାମାନଙ୍କୁ ଟ୍ରଫି ସହିତ ସମ୍ମାନ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରଥମ ଅଧିବେଶନରେ ସ୍ୱତନ୍ତ୍ର ଭାବରେ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଏମ୍ ଡି ମୁସିରଙ୍କୁ ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ସାମାଜିକ ବିଜ୍ଞାନୀ ଡକ୍ଟର ରିନା ରାଉତରାୟ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱପ୍ନଦେଖି ବାସ୍ତବରେ ସଫଳ ହେବା ପାଇଁ ଉତ୍ସାହିତ କରିଥିଲେ । ସମାଜର ପ୍ରକାଶକ ରାଜେନ୍ଦ୍ର ଜେନା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଭିଜନ ଗୁରୁକୁଳ କାର୍ଯ୍ୟକ୍ରମକୁ ପ୍ରଶଂସା କରି ବକ୍ତବ୍ୟରେ କହିଥିଲେ ଯେ ଭିଜନ ଗୁରୁକୁଳ ପିଲାମାନଙ୍କୁ ଶିକ୍ଷା ଦେବା ସହିତ ପିଲାଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଉଛି, ଏହା ସମାଜ ପାଇଁ ଅତ୍ୟାବଶ୍ୟକ । ବିଶିଷ୍ଟ ଅତିଥି ଡ.ଦିପାୟନ୍ ପଟ୍ଟନାୟକ ଭିଜନ ଗୁରୁକୁଳ ଶିକ୍ଷା ପଦ୍ଧତିକୁ ପ୍ରଶଂସା କରି କହିଥିଲେ ଯେ ଭିଜନ ଗୁରୁକୁଳର ଶିକ୍ଷା ପିଲାର ଭବିଷ୍ୟତ ଗଠନ କରିବା ସହିତ ଚରିତ୍ର ଗଠନ କରି ଉତମ ନାଗରିକ ସୃଷ୍ଟି କରିପାରୁଛି, ଏହା ବାସ୍ତବରେ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି କାର୍ଯ୍ୟକ୍ରମକୁ ପରିଚାଳନା ଏବଂ ସଭାପତିତ୍ୱ କରିଥିଲେ ଭିଜନ ଗୁରୁକୁଳର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବି ତେଜସ୍ୱର ରାଓ । ଦ୍ୱିତୀୟ ପର୍ଯ୍ୟାୟରେ ଭିଜନ ଗୁରୁକୁଳ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ‘ବସୁଧା ପାଇଁ ବୃକ୍ଷଟିଏ’ ବନ ମହୋତ୍ସବ ସପ୍ତାହ ପାଳିତ



ଝାରସୁଗୁଡ଼ା(ନିପ୍ର): ‘ବସୁଧା ପାଇଁ ବୃକ୍ଷଟିଏ’, ଏହି ଉକ୍ତିଟି ର ସାର୍ଥକତା ପାଇଁ ସାରା ଦେଶରେ ଜୁଲାଇ ମାସ ପ୍ରଥମ ସପ୍ତାହରେ ପାଳିତ ହୁଏ ବନ ମହୋତ୍ସବ ସପ୍ତାହ । ଏହି ମହୋତ୍ସବ ରେ ବୃକ୍ଷରୋପଣ କରି ସମସ୍ତଙ୍କୁ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଅମଲିପାଲି ଠାରେ ଥିବା ଜୁଡ଼ିସିଆଲ ଅଫିସର କଲୋନୀ ଠାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା)ର ଅଶ୍ୱିନୀ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ପୋକ୍ସୋ କୋର୍ଟ) ପୁଜା ଶଡ଼ଙ୍ଗୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତି ରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକ ମୟୀ ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସ୍ୱର୍ଣ୍ଣଲତା ନାୟକ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, କନିଷ୍ଠ ଦେୱାନି ବିଚାରପତି ସୁଶ୍ରୀ ମୋନାଲିସା ପ୍ରଧାନ, ଏସ.ଡି.ଜେ.ଏମ୍ ଡକ୍ଟର ବିଶ୍ୱଭୂଷଣ ନାୟକ ଓ ଜେ.ଏମ.ଏଫ.ସି ସୁଶ୍ରୀ ନର୍ମଦା ପ୍ରଧାନ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଜିଲ୍ଲା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆଯାଇଥିବା ବେଳେ ସହକାରୀ ବନ ସଂରକ୍ଷକ ଜ୍ଞାନେନ୍ଦ୍ର ଲିମା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟ ଓ ପ୍ରାଧିକରଣର କର୍ମଚାରୀ, ପ୍ୟାନେଲ ଓକିଲ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ ।

# ଫ୍ରେଣ୍ଡଲି ଯୋଗ କ୍ଲବ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ



ପାରାଦୀପ(ନିପ୍ର): ଦିନ ଫ୍ରେଣ୍ଡଲି ଯୋଗ କ୍ଲବ, ପାରାଦୀପ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କପିଳମୁନି ଆଶ୍ରମ, ମଧୁବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଯୋଗଗୁରୁ ବିଭୂତି ଭୂଷଣ ସାହୁ(ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ ର ସମସ୍ତ ସଦସ୍ୟ ଏବଂ ସେମାନଙ୍କର ପରିବାର ବର୍ଗ ଯୋଗ ଦେଇଥିଲେ । ଏହା ଏକ ଭାଇଚାରା ର ସମ୍ପର୍କ ସୃଷ୍ଟି କରିବା ସହ ସମସ୍ତେ ସମସ୍ତଙ୍କ ପରିବାର ସହିତ ମିଶିବାର ସୁଯୋଗ ସୃଷ୍ଟି କରିଥିଲା । ଏହି ଅବସରରେ କପିଳମୁନି ଆଶ୍ରମର ତତ୍ତ୍ୱାବଧାରକ ଦୁଇଜଣ ସାଧୁ ସନ୍ଥ ନାରାୟଣ ମିଶ୍ର ଏବଂ ସନ୍ଥ ମାନସ ମିଶ୍ରଙ୍କୁ ଯୋଗ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଥ ଦ୍ୱୋୟ ଯୋଗ ପରିବାରର ସମସ୍ତ ସଦସ୍ୟ ମାନଙ୍କୁ ଆଶୀର୍ବାଦ କରିବା ସହ କ୍ଲବର ଉତୋରତର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ ଫ୍ରେଣ୍ଡଲି ଯୋଗ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ରାସ୍ତା ନିର୍ମାଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ସୀତାପୁର ଗ୍ରାମବାସୀ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଂଟା ପଂଚାୟତ ଅଧୀନ ସୀତାପୁର ଗାଁ ଏବେ ୩୦ ପରିବାରର ଦୁଃଖ ପାଲଟିଛି । ସରକାର ପରେ ସରକାର ଭଳି ଭଳି ପ୍ରତିଶୃତି ଦେଇ କ୍ଷମତାକୁ ଆସୁଛନ୍ତି । ହେଲେ ରାସ୍ତା ଅବସ୍ଥାର କିଛି ପରବର୍ତନ ହେଉନି । ପାଣି କାଦୁଅରେ ଭର୍ତୀ ଏହି ୧.୫କିମି ରାସ୍ତାରେ ଗାଡି ତ ଦୁରକଥା ଚାଲି ଚାଲିଯିବା କଷ୍ଟକର ହୋଇ ପଡୁଛି । ଦିପଭଳି ଜିବନ ଅତିବାହିତ କରୁଥିବା ଏହି ପରିବାର ପାଇଁ ଯାତାୟାତ ଉପେଯାଗୀ ରାସ୍ତାଟିଏ ପାଇଁ ଭାସ୍କର ଚନ୍ଦ୍ର ଜେନା, ପ୍ରଭାକର ଜେନା, ରତ୍ନାକର ଜେନା, ଭାସ୍କର ଗିରି, ଯଶୋଦା ପ୍ରଧାନ, ବାସନ୍ତୀ ଜେନା, ସୁଶାନ୍ତ ଜେନା, ସରୋଜ ଜେନା, ରାଜେଶ ଗିରି ଓ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଦାବି କରିଛନ୍ତି । ଦୀର୍ଘଦିନଧରି ୨ଶହରୁ ଉର୍ଦ୍ଧ ଗ୍ରାମବାସୀ ମାନେ ଭାଗ୍ୟକୁ ଆଦରି କଚ୍ଚା ରାସ୍ତାରେ ଯିବା ଆସିବା କରୁଛନ୍ତି । କଂଗ୍ରେସ ଶାସନ ସମୟରୁ ଗ୍ରାମବାସୀ ମାନେ ବିଭିନ୍ନ ସମୟରେ ରହୁଥିବା ନେତୃବୃନ୍ଦକୁ ଭଲ ରାସ୍ତା ଖଣ୍ଡିଏ ପାଇଁ ସେମାନଙ୍କର ଗୁହାରୀ କରି ଆସୁଛନ୍ତି । ହେଲେ ନିର୍ବାଚନ ପୁର୍ବରୁ ବଡବଡ ପ୍ରତିଶୃତି ଦେଇ ଭୋଟ ହାସଲ କରିବା ପରେ ରାସ୍ତା କଥା ଭୁଲିଯାଉଛନ୍ତି । କଂଗ୍ରେସ ପରେ ବିଜେଡି ଶାସନ ପରେ ଏବେ ବିଜେପିର ୨ବର୍ଷ ଅତିକ୍ରମ କରିସାରିଥିବା ବେଳେ ରାସ୍ତାର ନାଁଗନ୍ଧ ଧରୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସାମାନ୍ୟ ବର୍ଷା ପରେ ରାସ୍ତା ପାଣିକାଦୁଅରେ ଭର୍ତୀ ହୋଇ ଯାଉଥିବାରୁ ଗାଁଲୋକେ ନିଜର ସାଇକେଲ ଓ ବାଇକକୁ ମୁଖ୍ୟରାସ୍ତା ସଂଲଗ୍ନ ଘରେ ରଖି ଘରକୁ ଚାଲି ଚାଲି ଯିବାକୁ ବାଧ୍ୟ ହୋଇଥାନ୍ତି । ଯଦି ବର୍ତମାନ ମରାମତି ସହ ଚଳିତ ଆର୍ଥିକ ବର୍ଷରେ ରାସ୍ତାପ୍ରତି ଦୃଷ୍ଟି ଦିଆନଯାଏ ତେବେ ଗ୍ରାମବାସୀ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି କହିଛନ୍ତି ।

# ସରକାରୀ ବସଷ୍ଟାଣ୍ଡ ଉଦ୍‌ଘାଟନ ପୂର୍ବରୁ ଭାଙ୍ଗିଲା ପାଚେରୀ

ନୂଆପଡ଼ା(ନିପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସରକାରୀ ବସଷ୍ଟାଣ୍ଡ ନିମ୍ନମାନର କାର୍ଯ୍ୟ ଯୋଗୁଁ ଉଦଘାଟନ ପୂର୍ବରୁ ଗୋଟିଏ ପାର୍ଶ୍ୱର ପାଚେରୀ ୭୦ ଫୁଟ ଭାଙ୍ଗି ଯାଇଛି । ଫଳରେ ସରକାରୀ ଅନୁଦାନ ୯ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ କାର୍ଯ୍ୟର ଗୁଣବତାକୁ ନେଇ ପ୍ରଶ୍ନ ଉଠିଛି । ପାଚେରୀ ଭାଙ୍ଗିବା ଫଳରେ ପର୍ଶ୍ୱବତୀ କିଛି ଲୋକଙ୍କ କ୍ଷତି ହୋଇଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଅଂଚଳ ବାସୀଙ୍କ ଅଭିଯୋଗ ଅନୁଯାୟୀ, ବସଷ୍ଟାଣ୍ଡ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ଓ କମ ସିମେଂଟ ଓ ଅଧିକ ବାଲି ଦେଇ ଯୋଡି କାର୍ଯ୍ୟ ହୋଇଥିବାରୁ ପାଚେରୀଟି ଉଦଘାଟନ ପୂର୍ବରୁ ହିଁ ଭାଙ୍ଗି ପଡ଼ିଛି । ଏପରିକି ପାଚେରୀର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି ତାହା ମଧ ଆଗାମୀ ଦିନରେ ଭାଙ୍ଗି ଯିବାର ସମ୍ଭାବନା ଥିବା ବେଳେ ସିମେଂଟ ଫ୍ଲୋରିଙ୍ଗ ମଧ କେତେକ ସ୍ଥାନରେ ଫାଟି ଯାଇଛି । ଫଳରେ ଏହାକୁ ନେଇ କାର୍ଯ୍ୟର ସ୍ୱଛତା ଓ ଗୁଣବତା ଉପରେ ପ୍ରଶ୍ନ ଉଠିଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି । ପାଚେରୀ ଭାଙ୍ଗିବା ପରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ନିକଟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଦାଇତ୍ୱରେ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିର୍ମାଣ କାର୍ଯ୍ୟର ସମ୍ପୂର୍ଣ ଯାଂଚ କରିବାକୁ ଦାବି ହେଉଛି ।

# ସମାଜସେବୀ ତ୍ରିନାଥ ଗୁଆଲଙ୍କ ସ୍ମୃତିରେ ରକ୍ତଦାନ ଶିବିର



ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡା ଓଏମପି ହସ୍ପିଟାଲ ପରିସରରେ ଗୋର୍ଖା ସମାଜ ଏବଂ ମା’ ସରସ୍ୱତୀ ମହିଳା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସହ ନିଃଶୁଳ୍କ ଚିକିତ୍ସା ଶିବିର ଆୟୋଜନକରାଯାଇଥିଲା । ଲୋକଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ପହଂଚାଇବା ଉଦ୍ଦେଶ୍ୟରେ ଆଜି ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ଶତାଧିକ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ପାଇଥିଲେ । ଏହି ଶିବିରରେ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ । ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ବବିତା ରମଣୀ ଦନ୍ତ ଚିକିତ୍ସକ ଡାକ୍ତର ଡଲି ଲାଠ ଫିଜିଓ ଥେରାପିଷ୍ଟ ଡାକ୍ତର ପ୍ରକାଶ ରଣା ଡାକ୍ତର ରୁପା ମଗର ଡାକ୍ତର ନିଆଜ ଉଲ ହକ ଡାକ୍ତର କିରଣ ଭୋଇ ଡାକ୍ତର ବିଶ୍ୱ ରଞ୍ଜନ ଭୋଇ ରୋଗୀଙ୍କ ଚିକିତ୍ସା କରିଥିଲେ । ଶିବିରରେ ଦନ୍ତ ରୋଗ ମେଦ ବହୁଳତା ସ୍ତ୍ରୀ ରୋଗ ସମ୍ବଧୀୟ ପରୀକ୍ଷା ସହ ଫିଜିଓଥେରାପି ଓ ସ୍ୱିଚ ଥେରାପି ଚିକିତ୍ସା ସହ ପରାମର୍ଶ ଦିଆଯାଇଥିଲା । ଆୟୋଜକମାନେ କହିଛନ୍ତି ଯେ, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଖରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପହଂଚାଇବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି ଗୋର୍ଖା ସମାଜ ର ସଭାପତି ଗଣେଶ ସୁନାର । ଏହି ଶିବିର ରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଏସପି ମଧୁସ୍ମିତା ମିଶ୍ର ଅର୍ଜୁନ ଲାଲ ମୋର ତାପସ ରାୟ ଚୌଧୁରୀ ସୁଧାଂଶୁ ଦୋରା ବିବେକାନନ୍ଦ ମିଶ୍ର ଜ୍ଞାନରଞ୍ଜନ ବେହେରା ପ୍ରଶାନ୍ତ ନନ୍ଦ ଲକ୍ଷ୍ମଣ ସାହୁ ଯୋଗଦାନ କରିଥିଲେ । ସକାଳ ୭ଟା ୩୦ ମିନିଟରୁ ଆରମ୍ଭ ହୋଇଥିବା ଏହି ଶିବିରରେ ବହୁ ସଂଖ୍ୟକ ଯୁବକ, ଯୁବତୀ ଏବଂ ସମାଜସେବୀ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ । ରକ୍ତଦାନ ମାଧ୍ୟମରେ ଅନେକ ମୂଲ୍ୟବାନ ଜୀବନ ବଂଚାଇବାର ସନ୍ଦେଶ ଦିଆଯାଇଥିଲା ବୋଲି କହିଛନ୍ତି ମା ସରସ୍ୱତୀ ମହିଳା ସଂଗଠନର ସମ୍ପାଦିକା ଗୀତା ରଣା ଆୟୋଜକମାନେ କହିଛନ୍ତି ଯେ, ରକ୍ତର ଅଭାବ ଦୂର କରିବା ଏବଂ ଲୋକଙ୍କ ମଧ୍ୟରେ ରକ୍ତଦାନ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ଶିବିରରେ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ରକ୍ତଦାନକୁ ମହାଦାନ ବୋଲି ବର୍ଣ୍ଣନା କରି ସମସ୍ତ ସୁସ୍ଥ ନାଗରିକଙ୍କୁ ନିୟମିତ ରକ୍ତଦାନ ପାଇଁ ଆହ୍ୱାନ କରିଥିଲେ । ଚିକିତ୍ସା ଶିବିରକୁ ସୁଚାରୁ ରୂପେ ଚଳେଇବା ରେ ବର୍ଷା ଶ୍ରୀବାସ ରାନୀ ପଟ୍ଟନାୟକ ପୁନମ ବରିହା ଅମ୍ରିତା କିସାନ ଗାୟତ୍ରୀ ଭୋଇ ସହଯୋଗ କରିଥିବା ବେଳେ ରକ୍ତଦାନ ଶିବିର ରେ ରାମ କୁମାର ରାନା ମିନା ଲାମା ଲକ୍ଷ୍ମୀ ଥାପା ରେଖା ତାମଙ୍ଗ ସାବିତ୍ରୀ ତାମଙ୍ଗ ଜ୍ୟୋତି ସୁନାର ଲକ୍ଷ୍ମୀ ବାହାଦୁର ସୋନିଆ ଛତ୍ରିଆ ସହଯୋଗ କରିଥିଲେ ।

# ସମ୍ବାଦ ସାହିତ୍ୟ ଘର ତରଫରୁ ବନ ମହୋତ୍ସବ



ଜଳେଶ୍ୱର(ନିପ୍ର): ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ ପରିବେଷ ପ୍ରଦୂଷିତ ହୋଇ ଓଜୋନ ସ୍ତରରେ ରନ୍ଧ୍ର ସୃଷ୍ଟି ଯୋଗୁଁ ପ୍ରାକୃତିକ ଅସନ୍ତୁଳନ ବୃଦ୍ଧି ପାଉଛି । ଆଗାମୀ ପିଢ଼ି କୁ ସୁରକ୍ଷିତ ରଖିବା ପାଇଁ ଆଗାମୀ ଦିନରେ ବ୍ୟାପକ ବନୀକରଣ ଆବଶ୍ୟକତା ରହିଛି । ପବିତ୍ର ବନ ମହୋତ୍ସବ ପାଳନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି । ଏହି ଅବସରରେ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଶିଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା ର ସଭାପତି ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି କମଳ କୁମାର ଚକ୍ରବର୍ତୀ ଯୋଗଦାନ କରି କହିଥିଲେ ପିଲା ମାନେ ତୁମର ଜନ୍ମ ଦିନ ରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରି ତାର ଯତ୍ନ ନେଇ ବଡ଼ କରି ପ୍ରକୃତିକୁ ଆମେ ବଂଚାଇ ପାରିବା ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା ର ସମ୍ପାଦକ ତଥା ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତିଙ୍କ ବକ୍ତବ୍ୟରେ କହିଥିଲେ ଜୁଲାଇ ୧ ତାରିଖ ରୁ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ୧୯୫୦ ମସିହାରୁ ବନ ମହୋତ୍ସବ ସପ୍ତାହ ପାଳନ ହୋଇଆସୁଛି । ଏହି ସପ୍ତାହ ପାଳନ ଅବସରରେ ସମସ୍ତେ ସଂକଳ୍ପ ନେବା ବୃକ୍ଷ ରୋପଣ କରି ପରିବେଶ କୁ ସୁରକ୍ଷିତ ରଖିବା ତଥା ଆମ ସମସ୍ତଙ୍କ ଧେୟ ହେଉ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ବୋଲି କହିଥିଲେ। ଅନ୍ୟ ତମ ସମ୍ମାନୀତ ଅତିଥି ଭାରେ କାଶୀଡିହା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ସିଂ, ବରେଣ୍ୟ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ପ୍ରଦୀପ କୁମାର ମହାନ୍ତି, ଷ୍ଟେଟ ବ୍ୟାଙ୍କ, ଜଳେଶ୍ୱର ଶାଖା ତରଫରୁ ତରଫରୁ ମାଆ କେ ନାମ ଏକ ପେଡ ମେସେଜରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇ ଥିଲା । ଷ୍ଟେଟ ବ୍ୟାଙ୍କ ଲାଇଫ ଇନସ୍ୟୁରାନ୍ସ ସତ୍ୟବ୍ରତ ମହାପାତ୍ର, ନୀରଞ୍ଜନ ଜେନା ସମ୍ମାନୀତ ଅତିଥି ଶିଖା ରାଣୀ ଦାସ, ସଞ୍ଜିବ କୁମାର ସେନା ପତି, ଆଲୁମିନି ସଭାପତି କମଳାକାନ୍ତ ଚାନ୍ଦ, ସରପଂଚ ଜୟନ୍ତୀ ପରିଡା, ରାଜୀବ ସେନାପତି, ଶିକ୍ଷୟିତ୍ରୀ ମାଳବିକା ଗିରି, ବିଶ୍ୱ ଭାରତୀ ପାତ୍ର, ମଧୁମିତା ଜେନା, ଅନିତା ଦାସ, ଦିବସ ସମ୍ପର୍କରେ ଆଲୋଚନା କରିଥିଲେ । ବୃକ୍ଷ ଆମକୁ ଅମ୍ଳଜାନ ଦେଇ ଜୀବ ଜଗତ କୁ ବଂଚାଇ ପାରୁଛି ବୋଲି କହିଥିଲେ । ଅନ୍ୟ ବକ୍ତା ବକ୍ତବ୍ୟରେ କହିଥିଲେ ଦାରୁ ଦେବତା ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ ଓ ପଂଚ ପଲ୍ଲବ ଠାକୁରଙ୍କ ପାଖରେ ଲାଗିବା ସମ୍ପର୍କରେ କହିଥିଲେ, ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ସଞ୍ଜିବ କୁମାର ସେନା ପତି ।











ଅନ୍ୟର ଦୁର୍ଗୁଣ ଶୁଣି ଖୁସି ହୁଅ ନାହିଁ ଏବଂ ନିଜେ ସେହିପରି ଦୁର୍ଗୁଣ ଠାରୁ ଦୂରେଇ ରୁହ ।

# ଆଜିକାଲି



ଯାବାନର୍ଥ ଉଦପାନେ ସର୍ବତଃ ସଂପଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଶିଶୁ ରୋଗ ଓ ତା'ର ପ୍ରତିକାର

ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗ ମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ । ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ । ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ପ୍ରଧାନ । ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ମଧ ଏହି ସମୟରେ ଦେଖାଯାଇଥାଏ । ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ । ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ । ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ । ଥଣ୍ଡା ପରେ ଶ୍ୱାସ, କାନପଚା, ନିଉମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ । ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଂଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ । ରୋଗ ସଂକ୍ରମଣର ୧୬ଘଂଟା ପରେ ଦେହ ହାତ ବିନ୍ଧା ହୋଇଥାଏ । ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ । ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ । ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ । ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ । ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ । ଭିଟାମିନ ସି ର ବିଶେଷ ଭାବରେ ଉପକାରୀ । ଆଂଟିବାଓଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ । ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ । ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ । ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ । ତାର ମୁଖରେ ଚୁମା ଦେବା, ଓ ତାର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମାଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ । ଅବଶ୍ୟ ମାର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ । ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ । ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ ବ୍ୟବହାର କରାଯାଇପାରେ । ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ । ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ ।ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର । ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ । ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ । ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ । ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ । ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ ।

## ଶ୍ରୀ ଜୀଉଙ୍କ ଅନବସର



ସ୍ନାନ ଓ ଶ୍ରୀଗୁଣ୍ଡିଚା ମଧ୍ୟବର୍ତ୍ତୀ ସମୟରେ ହେଉଥିବା ବିଧାନ ହେଉଛି ଅନବସର ବା ଅଣସର । ଦେବସ୍ନାନ ପୂର୍ଣ୍ଣିମା ବା ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ହିଁ ଅଣସର ନାମରେ ପରିଚିତ । ଠାକୁରମାନେ ସ୍ନାନ ପରେ ବିଜେ କରିଥାନ୍ତି ଅଣସର ପିଣ୍ଡିରେ । ସାଧାରଣ ଦର୍ଶନ ନିଷେଧ ଥିବା ଏହି ୧୫ ଦିନ ଶବରରାଜ ବିଶ୍ୱାବସୁ ଓ ବିଦ୍ୟାପତିଙ୍କର ବଂଶଧର ଦଇତା ପତି ସେବାୟତଙ୍କ ଅଖଣ୍ଡ ଅଧିକାର ଦେଖିବାକୁ ମିଳେ । ଅଣସର ନୀତିର ୩ଟି ମୌଳିକ ତାତ୍ପର୍ଯ୍ୟ ରହିଛି । ପୌରାଣିକ ମତରେ ଶବର ଭକ୍ତ ବିଶ୍ୱାବସୁଙ୍କ ସ୍ମୃତିଚାରଣ, ଦ୍ୱିତୀୟ ଠାକୁରଙ୍କ ଗୁପ୍ତନୀତି ପାଇଁ ସମୟ ଓ ସୁଯୋଗ ସୃଷ୍ଟି ଏବଂ ତୃତୀୟରେ ଶ୍ରୀଜୀଉ ଜ୍ୱର ବାଧିକାଗ୍ରସ୍ତ ହୋଇ ଔଷଧ ଗ୍ରହଣ କରିବାର ଦୃଷ୍ଟାନ୍ତ । ଏହି ସମୟରେ ପ୍ରଭୁଙ୍କୁ ଅନ୍ନ ଭୋଗ ବଦଳରେ ବିଭିନ୍ନ ଫଳମୂଳ, ଚକଟା ଓ ପଣା ଭୋଗ ପୂଜା କରାଯାଏ । ଏହି ଘରଟିକୁ ବାଉଁଶ ତାଟିରେ ଆବୃ□ କରି ରଖାଯାଏ । ଅତ୍ୟଧିକ ସ୍ନାନ ହେତୁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଏହି ନୀତି ଅବଲମ୍ବନ କରିଥାନ୍ତି । ଏଠାରେ ହୋଇଥାଏ ପ୍ରଭୁଙ୍କର ଗୁପ୍ତସେବା । ପଂଚମୀ ଦିନ ପ୍ରଭୁଙ୍କ ଅଙ୍ଗରେ ଫୁଲୁରି ତେଲ ଲାଗି ହୋଇଥାଏ । ଷଷ୍ଠ ଦିନଠାରୁ ତିନିଦିନ ଯାଏ ଓଷ ଲାଗି ହୋଇଥାଏ । ଦଶମୀରେ ଚକା ବିଜେ । ତା ପରେ ଏକାଦଶୀରେ ଖଳି ଲାଗି ଓ ଦଶମୂଳ ପାଚନ ଲାଗି ଏବଂ ଦ୍ୱାଦଶୀରେ ଦ୍ୱାଦଶୀ ନୀତି, ତ୍ରୟୋଦଶୀରେ ଘଣା ଲାଗି ଶେଷରେ ନବଯୌବନ ଦର୍ଶନ ବା ନେତ୍ରୋତ୍ସବ ପାଳିତ ହୁଏ ।

# ଭଗବାନ ଅଲାରନାଥ

◆ ତପସ୍ୱିନୀ ପଟ୍ଟନାୟକ

ଈଶ୍ୱର ପିତା ହେଲେ ମାନବ ହେଉଛି ତାଙ୍କର ସନ୍ତାନ । ଲୌକିକ ଜଗତରେ ପିତା ଯେପରି ସନ୍ତାନର ଦୁଃଖ ଲାଘବ କରିବା ଲାଗି ଆଗଭର ହୋଇ ଆଗେଇ ଆସନ୍ତି, ଠିକ ଆଧ୍ୟାତ୍ମିକ ଜଗତରେ ମଧ ଠିକ ସେଇଆ ହୋଇଥାଏ । କଳିଯୁଗରେ ପୁରୀ ଶ୍ରୀକ୍ଷେତ୍ର ଧାମକୁ ମର୍ତ୍ତ୍ୟ ବୈକୁଣ୍ଠ ବୋଲି ବିବେଚନା କରାଯାଏ ଏବଂ ସମଗ୍ର ମାନବ ଜାତିର ପିତା ତଥା ଈଶ୍ୱର ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କ ଲୀଳା ଯେତିକି ବୈଚିତ୍ର୍ୟମୟ, ସେତିକି ଅବର୍ଣ୍ଣନନୀୟ । ସେ ସନ୍ତାନର ଅନାବିଳ ଭକ୍ତିରେ ବାନ୍ଧି ହୋଇ କେତେବେଳେ ଶ୍ରୀରାମ ରୂପରେ ଶବରୀ ହାତରୁ ଅଇଁଠା କୋଳି ଖାଆନ୍ତି ତ ପୁଣି କେତେବେଳେ ଶ୍ରୀକୃଷ୍ଣ ରୂପରେ ମହାମାନୀ ଦୁର୍ଯ୍ୟୋଧନର ରାଜକୀୟ ଭୋଜନକୁ ପରିହାର କରି ଭକ୍ତଶ୍ରେଷ୍ଠ ବିଦୁରଙ୍କ ଘରୁ ଶାଗଭଜା ଖାଇବା ଲାଗି ନିଜ ବ୍ୟାକୁଳତା ପ୍ରକାଶ କରନ୍ତି । ଠିକ୍ ସେହିପରି କଳିଯୁଗରେ ପରମଭକ୍ତ ଶ୍ରୀଚୈତନ୍ୟଙ୍କ ବିରହ ଯନ୍ତ୍ରଣାକୁ ସହ୍ୟକରିନପାରି ପବିତ୍ର ଅଣସର ତଥା ମହାଅନବସର ଅବସରରେ ତାଙ୍କୁ ଦର୍ଶନ ଦେଇଥାନ୍ତି ଅଲାରନାଥ ରୂପରେ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପଡ଼େ ପ୍ରଥମେ ସ୍ନାନଯାତ୍ରା । ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନ ପରେ ମହାପ୍ରଭୁ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି । ସେହି ସମୟରେ ଭକ୍ତମାନେ ଦୀର୍ଘ ୧୫ ଦିନ ଧରି ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ । ତେଣୁ ଭକ୍ତମାନେ ଏହି ଦୁଃଖକୁ ବିମୋଚନ କରିବା ଲାଗି ଅଲରନାଥ ମନ୍ଦିରକୁ ଯାଇଥାନ୍ତି । ମାତ୍ର ନବକଳେବର ସମୟରେ ନୂତନ ବିଗ୍ରହ ନିର୍ମାଣ ଲାଗି ଶ୍ରୀଜୀଉମାନେ ଦୀର୍ଘ ୪୫ ଦିନ ଧରି ଭକ୍ତମାନଙ୍କୁ ଦର୍ଶନ ଦେଇନଥାନ୍ତି । ଏହାକୁ କୁହାଯାଏ ମହାଅନବସର । ଅନବସର ଏବଂ ମହାଅନବସର ସମୟରେ ଅଲରାନାଥ ଦର୍ଶନ କରିବା ଦ୍ୱାରା ଅଶେଷ ପୂଣ୍ୟ ଫଳ ମିଳିଥାଏ । ତେଣୁ ଏହି ସମୟରେ ଅଲରାନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ଲାଗିରହିଥାଏ । ଏହି ମନ୍ଦିରଟି ପୁରୀ ସହରଠାରୁ ୨୪ କିଲୋମିଟର ଅବସ୍ଥିତ । ଏହା କୌଣସି ପର୍ଯ୍ୟଟନସ୍ଥଳୀ ନ ହେଲେ ବି କୃଷ୍ଣଭକ୍ତ ମାନଙ୍କ ପାଇଁ ଏକ ପ୍ରସିଦ୍ଧ ସ୍ଥାନ । ଭଗବାନ ବିଷ୍ଣୁଙ୍କ ଚଳନ୍ତି ପ୍ରତିମା । ଅଲାରନାଥଙ୍କୁ ଦର୍ଶନ କରିବା ସମ୍ପର୍କରେ ଐତିହାସିକ ଓ ପୌରାଣିକ ପ୍ରବାଦ ରହିଛି । ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀ ଶ୍ରୀକ୍ଷେତ୍ରରେ ରହଣି କାଳରେ ଯେତେବେଳେ ମହାପ୍ରଭୁ ଅଣସରରେ ପଡ଼ିଲେ, ସେ ଆଉ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇପାରିଲେ ନାହିଁ । ଏହା ତାଙ୍କ ହୃଦୟକୁ ଗଭୀର ବ୍ୟଥିତ କଲା । ସେ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ବିରହରେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ । ଭକ୍ତବତ୍ସଳ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଚୈତନ୍ୟଙ୍କ ଦୁଃଖକୁ ଲାଘବ କରିବା ପାଇଁ ଆଗେଇ ଆସିଲେ । କିମ୍ବଦନ୍ତୀ କହେ, ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ବ୍ରହ୍ମଗିରିସ୍ଥିତ ଅଲାରନାଥ ମନ୍ଦିରରେ ଦର୍ଶନ ଦେବେ ବୋଲି କହିଥିଲେ । ସେହି ପରମ୍ପରା ଅନୁସାରେ ଅଣସର ଏବଂ ମହାଅନବସର ସମୟରେ ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି । ଐତିହାସିକ ତଥ୍ୟ ଅନୁସାରେ ଆଜିକୁ ୧୧ଶହ ପୂର୍ବେ ଅଲାରନାଥ ମନ୍ଦିର ନିର୍ମାଣ କରାଯାଇଥିଲା । ସେ ସମୟରେ ଦକ୍ଷିଣ ଭାରତରେ ଅଲବାର ନାମରେ ଜଣେ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଥିଲେ । ତାଙ୍କରି ଶିଷ୍ୟମାନେ ଅଲାରନାଥ ମନ୍ଦିରର ନିର୍ମାଣ କରାଇଥିଲେ । ସମ୍ପ୍ରତି ଦକ୍ଷିଣ ଭାରତର ବ୍ରାହ୍ମଣମାନଙ୍କ ଦ୍ୱାରା ମହାପ୍ରଭୁ ଅଲାରନାଥ ପୂଜା ପାଇ ଆସୁଛନ୍ତି । ମୁଗୁନି ପଥରରେ ନିର୍ମିତ ମହାପ୍ରଭୁ ଅଲାରନାଥଙ୍କ ଦୁଇ ପାର୍ଶ୍ୱରେ ବ୍ରହ୍ମା ଓ ଶଙ୍କର ପୂଜା ପାଉଛନ୍ତି । ଏହି ମନ୍ଦିରଟି ସକାଳ ୬ଟା ସମୟରେ ଖୋଲଯାଇଥାଏ ଏବଂ ରାତି ସାଢ଼େ ୯ଟା ସମୟରେ ପହଡ଼ ପଡ଼େ । ସକାଳ ସମୟରେ ଠାକୁରଙ୍କୁ ବାଳଭୋଗ, ମଧ୍ୟାହ୍ନରେ ସଙ୍କୁଡ଼ି ଭୋଗ ଓ ରାତ୍ର ସମୟରେ ରାତ୍ରଭୋଗ ଅର୍ପଣ କରାଯାଏ । ମଧ୍ୟାହ୍ନ ଧୂପରେ ଠାକୁରଙ୍କୁ ଅରୁଆ ଅନ୍ନ, ଡାଲି, ପନିପରିବା ତରକାରି ଓ କ୍ଷୀରି ଅର୍ପଣ କରାଯାଏ । ରାତ୍ରରେ ବିଭିନ୍ନ ପ୍ରକାର ପିଠା, ମିଠା, ଖେଚୁଡ଼ି ଓ ଭଜା ଆଜି ଖାଦ୍ୟ ଭୋଗ ଲାଗିହୁଏ । ଅଲାରନାଥଙ୍କୁ ନେଇ ଆହୁରି ଏକ ପୌରାଣିକ ବିଷୟବସ୍ତୁ ରହିଛି । ସତ୍ୟଯୁଗ ସମୟର କଥା । ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ଦର୍ଶନ ଲାଭ କରିବା ଲାଗି ଘୋର ତପସ୍ୟା ଆରମ୍ଭ କଲେ । ବ୍ରହ୍ମାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ ଚତୁର୍ଭୁଜ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ପ୍ରକଟ ହେଲେ ଓ କହିଲେ ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ । ତୁମେ ମୋର ଏକ ଚତୁର୍ଭୁଜ ମୂର୍ତ୍ତି ନିର୍ମାଣ କରି ଏଠାରେ ପୂଜାର୍ଚ୍ଚନା କର । ଭଗବାନଙ୍କ ଆଜ୍ଞା ପାଳନ କରି ବ୍ରହ୍ମା କଳା ମୁଗୁନି ପଥରରେ ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ନିର୍ମାଣ କରି ସେଠାରେ ପୂଜାର୍ଚ୍ଚନା କଲେ । ସେହି ପ୍ରତିମୂର୍ତ୍ତି ସମ୍ପ୍ରତି ଅଲାରନାଥ ନାମରେ ସର୍ବତ୍ର ବିଖ୍ୟାତ । ଯେଉଁ ପର୍ବତ ଉପରେ ସେ ତପସ୍ୟା କଲେ ସେହି ସ୍ଥାନଟି ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା । ସେହି ଅଂଚଳକୁ ବ୍ରହ୍ମଗିରି ବୋଲି କୁହାଗଲା । ସେହିପରି ଆଉ ଏକ ପୌରାଣିକ କଥା ରହିଛି ଯେ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା କରିବା ଲାଗି ମର୍ତ୍ତ୍ୟଭୂମିକୁ ଆସିଥିଲେ । ସେ ପ୍ରଥମେ ଯେଉଁ ସ୍ଥାନରେ ମର୍ତ୍ତ୍ୟଭୂମିକୁ ଓହ୍ଲାଇଲେ ସେହି ସ୍ଥାନଟିକୁ ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ବୋଲି କୁହାଗଲା । ସୃଷ୍ଟିକର୍ତ୍ତା ମର୍ତ୍ତ୍ୟଭୂମିରେ ପାଦ ଦେବା ପରେ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରିଥିଲେ । ଯେଉଁଠାରେ ସେ ବିଷ୍ଣୁଙ୍କ ପୂଜା କରିଥିଲେ ପରବର୍ତ୍ତୀ ସମୟରେ ତାହା ଅଲାରନାଥ ନାମରେ ଖ୍ୟାତି ଅର୍ଜନ କଲା ।



*ଶିକ୍ଷାବିତ, ମହାନଦୀ ବିହାର, କଟକ,*

## ଅଣସର ବିରହ



◆ ରଣଜିତ ପରିଡା

ସ୍ନାନ ପୂର୍ଣ୍ଣିମାର ପବିତ୍ର ବେଳା,
ଶ୍ରୀଅଙ୍ଗେ ଲାଗିଲା ଏକଶେ ଆଠ ଘଟର ଜଳ ।
ଭକ୍ତର ଆଖିରେ ଆନନ୍ଦର ଲୁହ,
କିନ୍ତୁ ପ୍ରଭୁ ହେଲେ ଜ୍ୱରାକ୍ରାନ୍ତ ସକଳ ।
ଅଣସର ଘରେ ନିରବତା ଖେଳେ,
ସିଂହଦ୍ୱାରେ ଥମିଯାଏ ଭକ୍ତର ପାଦ ।
ଚକା ଆଖି ଦେଖିବାର ଆଶା ନେଇ,
ମନେ ଉଠେ ଅସରନ୍ତି ଅବସାଦ ।
ହେ କଳା ଠାକୁର ! କେଉଁଠି ତୁମେ ?
ଶ୍ରୀମନ୍ଦିର ଆଜି କାହିଁକି ଏତେ ନିରବ ?
ଘଂଟଧ୍ୱନି ଶୁଣେ, ଶଙ୍ଖନାଦ ଶୁଣେ,
ତଥାପି ତୁମ ବିନା ଲାଗେ ସବୁ ଅଧୂରା ଭାବ ।
ଆଳତି ଧୂପର ସୁବାସ ଆସେ,
ମନେ ତଥାପି ଅଶାନ୍ତି ଭରେ ।
ଦୂରେ ରହି ତୁମକୁ ଭାବି ଭାବି,
ହୃଦୟ କାନ୍ଦେ ନୀରବ ସ୍ୱରେ ।
ଅଣସର ସପ୍ତାହ ଶିଖାଏ ଆମକୁ,
ବିରହରେ ଲୁଚିଥାଏ ପ୍ରେମ ।
ଦୂରତା ଯେତେ ବଢ଼ିଯାଏ ପ୍ରଭୁ,
ସେତେ ଗଭୀର ହୁଏ ତୁମର ନାମ ।
ନବଯୌବନ ବେଶର ପ୍ରତୀକ୍ଷାରେ,
ଭକ୍ତ ମନ ରହେ ଅଧୀର ।
କେବେ ଖୋଲିବ ଅଣସର ଦୁଆର ?
କେବେ ହେବ ଦର୍ଶନ ଗମ୍ଭୀର ?
ରଥଯାତ୍ରାର ସୁବର୍ଣ୍ଣ ପ୍ରଭାତେ,
ନୂଆ ରୂପେ ଆସିବ ହେ ନାଥ ।
ଚକା ଆଖିର ଦିବ୍ୟ ହସରେ,
ପବିତ୍ର ହେବ ଜଗତର ପଥ ।
ହେ ନୀଳାଚଳ ବିହାରୀ !
ଅଣସର ନୁହେଁ କେବଳ ବିରହର ଗୀତ ।
ଏହା ଭକ୍ତିର ପରୀକ୍ଷା,
ଏହା ପ୍ରେମର ଅମୃତ ।
ତୁମେ ଅଦୃଶ୍ୟ ହେଲେ ମଧ,
ନାମ ତୁମର ରହେ ହୃଦୟେ ।
ପ୍ରତି ନିଶ୍ୱାସେ 'ଜୟ ଜଗନ୍ନାଥ',
ପ୍ରତି ଧଡ଼କଣେ ତୁମ ସ୍ମୃତି ଥାଏ ।
ହେ ପ୍ରଭୁ ! ଏହି ଅଣସର ସପ୍ତାହେ,
ମୋ ମନକୁ କର ପବିତ୍ର ।
ଅହଂକାର, ମୋହ, ଲୋଭ ଦୂର କରି,
ଭରିଦିଅ ଭକ୍ତିର ଅମୃତ ।
ତୁମର ଦୟା ଅସୀମ ସାଗର,
ତୁମର କୃପା ଅନନ୍ତ ଧାରା ।
ତୁମ ବିନା ଏ ଜୀବନ ଶୂନ୍ୟ,
ତୁମେ ମୋର ଶେଷ ଭରସା ।
ଜୟ ଜଗନ୍ନାଥ ! ଜୟ ବଳଭଦ୍ର !
ଜୟ ମା' ସୁଭଦ୍ରା ଠାକୁରାଣୀ ।
ଅଣସର ବିରହ ଶେଷ ହେଉ,
ଭକ୍ତ ହୃଦୟେ ଫୁଟୁ ପ୍ରେମର ବାଣୀ ।

*ଶ୍ୟାମାନନ୍ଦପୁର, ମୟୁରଭଞ୍ଜ - ୯୩୪୮୮୭୮୫୬୫*

## ଫୁଲୁରି ତେଲ

◆ ରାମଚନ୍ଦ୍ର ବେହେରା

ସ୍ନାନ ପୁନେଇଁରେ ଜନମ ଦିନରେ
ସ୍ନାନ କଲେ କଳା ଦିଅଁ
ଦିବ୍ୟ ହାତୀ ବେଶ ଦର୍ଶନ ନିମନ୍ତେ
ଛୁଟିଲା ଭକତ ସୁଅ
ପରଦିନ ହେଲା ଜ୍ୱର
ଅଣସର ଗୃହେ ଏକାନ୍ତ ବାସରେ
ରହିଲେ କଳା ଠାକୁର ।
ରନ୍ଧା ଖାଦ୍ୟ ତେଜି ପଣା ଚକଟାକୁ
ଆଦରିଲେ ଚକା ଆଖି
ଦଶ ମୂଳାରିଷ୍ଟ ସେବନ କରିଲେ
ବ୍ୟାଧିକୁ ଧ୍ୟାନରେ ରଖି
ପଂଚମୀ ଦିନରୁ ନାଥ
ଫୁଲୁରି ତେଲରେ ଘଷାମୋଡା ନୀତି
କରନ୍ତି ସେବକ ନିତ୍ୟ ।
କୃଷ୍ଣ ପଂଚମୀରୁ ସପ୍ତମୀ ପର୍ଯ୍ୟନ୍ତ
ନିତି ତେଲ ବିଧି ହୁଏ
ପ୍ରଭୁଂକ ଦେହରୁ ଜ୍ୱରର ଯାତନା
ଧୀରେ ଅପସରି ଯାଏ
ହେରା ପଂଚମୀ ତିଥିରେ
ବର୍ଷକ ଆଗରୁ ଫୁଲୁରି ତଇଳ
ତିଆରି ହୁଏ ବିଧିରେ ।
ଘଣା ରାଶି ତେଲ ପୁଣି ବେଣା ଚେର
ସହ କୃଷ୍ଣ ଭୋଗ ଧାନ
ଚନ୍ଦନ କେତକୀ ମାଳତୀରେ ମିଶେ



ଜାଇ ଜୁଇ ମଲ୍ଲୀ ପୁଣ
ଦେଶୀ ଘିଅ ମହୁ ସର
ଗମ୍ଭାରୀ ଲବଂଗ କୁଳୀ ଫଣପଣା
ତେଲରେ ହୁଏ ମିଶ୍ରଣ ।
ପତି ମହାପାତ୍ର ସେବକ ତେଲକୁ
ରୂପା ପିଂଗଣରେ ଥୋଇ
ଚତୁର୍ଦ୍ଧା ମୂର୍ତ୍ତିଂକ ଶ୍ରୀଅଂଗେ ଶ୍ରଦ୍ଧାରେ
ତେଲକୁ ଲେପନ୍ତି ନେଇ
ଦୂର ହୁଏ ଜ୍ୱର କୋପ
ସୁସ୍ଥ ହୋଇ ପ୍ରଭୁ ଫେରି ସେ ପାଆନ୍ତି
ନବଯଉବନ ରୂପ ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

## ଭକ୍ତି ଦେବତା ଶ୍ରୀଜଗନ୍ନାଥ

◆ଜନ୍ମେଜୟ ଲେଙ୍କା

'ତୁମେ ଯଦି ପ୍ରାର୍ଥନା କରିବାକୁ ଚାହୁଁଛ, ଘରୁ ମଧ କରିପାରିବ' - ଭାରତର ସର୍ବୋଚ୍ଚ ଅଦାଲତର ମହାମହିମ ପ୍ରଧାନ ବିଚାରପତି ଓଡ଼ିଶାରେ ପୁରୀ ବ୍ୟତୀତ ଅନ୍ୟ ସ୍ଥାନରେ ରଥଯାତ୍ରା ନେଇ ଥିବା ଏକ ଆବେଦନରେ ଏହା ଉଲ୍ଲେଖ କରିଛନ୍ତି । କୋଟି କୋଟି ଓଡ଼ିଆଙ୍କ ଭକ୍ତି ଭାବନା, ଚିନ୍ତନ ଓ ଆଚରଣ ସବୁଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଚେତନାର ଏକ ସ୍ୱତନ୍ତ୍ରତା ରହିଛି । ଓଡ଼ିଶାରେ କୋଭିଡ଼ର ସଂକ୍ରମଣ କିଛି ମାତ୍ରାରେ ଥିବାବେଳେ ଏ କ୍ଷେତ୍ରରେ ଲୋକପ୍ରିୟ ନବୀନ ପଟ୍ଟନାୟକଙ୍କ ସରକାର ପ୍ରତିଟି ଜୀବନ ଯେ ମୂଲ୍ୟବାନ ତାହାର ବଡ଼ ଗୁରୁତ୍ୱ ରଖିଛନ୍ତି । ତେଣୁ ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ ବୋଲି ମାନ୍ୟବର ଅଦାଲତ ଏହା ସୂଚାଇଛନ୍ତି । ଯେତେ ମତ ସେତେ ପଥ । ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟ । ସମସ୍ତେ ସେଇ ଏକ ସତ୍ୟକୁ ଆଧାର କରି ଶ୍ରୀକ୍ଷେତ୍ର ପୁରୀକୁ ଯେଉଁ ସମ୍ପ୍ରଦାୟର ହୁଅନ୍ତୁ ବା ଆଚାର୍ଯ୍ୟ, ସାଧକ, ଯୋଗୀ ବା ଭକ୍ତ ନିଜ ସାଧନା କ୍ଷେତ୍ର ବା ମତ ପ୍ରଚାରର କେନ୍ଦ୍ର ରୂପରେ ଗ୍ରହଣ କରିଛନ୍ତି । ମତ ଅନେକ କିନ୍ତୁ ଲକ୍ଷ୍ୟ ଏକ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଆଉ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ନିଜ ଆତ୍ମ



ଅନୁଚିନ୍ତନରେ ମାର୍ଗଦର୍ଶନ । ଶ୍ରୀଜଗନ୍ନାଥ ହେଉଛି ଭକ୍ତି ଦେବତା - ଭକ୍ତିର ପ୍ରତୀକ । ପରମ ଜ୍ଞାନ, ଭକ୍ତିର ସମନ୍ୱୟ ହେଉଛି ଭକ୍ତିର ଯୋଗ । ଆଉ ଏହି ସମନ୍ୱୟ ଯୋଗ ହେଉଛି ଶ୍ରୀଜଗନ୍ନାଥ ତତ୍ତ୍ୱ । ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ । ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ।।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି । କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ବା ମଧ କିଛି ଦେଖିପାରୁନାହିଁ । ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ । ସେ ଆତ୍ମା ରୂପରେ ରହିଛନ୍ତି । ବର୍ହିଜଗତରେ ଯେପରି ତାଙ୍କର ଇଚ୍ଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ । ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ । ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସ□। ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀ ମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହ□ମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସଂଚାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି । ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ । ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ । ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ । ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି । ଶ୍ରୀପୁରୁଷୋତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା । ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ । ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । କେବଳ ଧନୀ ବା ବି□ଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରି ପାରିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍ ବ୍ୟବହାର କରାଯିବା ଆବଶ୍ୟକ ।

*ବାଇଶ ମୌଜା, ଅରଖପୁର, ବଡ଼ଚଣା, ଯାଜପୁର*

# ଭାରତର ଏକତା ଓ ପ୍ରଗତି ପାଇଁ ସମର୍ପିତ ଏକ ଜୀବନ

ରାଷ୍ଟ୍ରବାଦ ଓ ନିଃସ୍ୱାର୍ଥ ସେବାର ଆଦର୍ଶରେ ବିଶ୍ୱାସ କରୁଥିବା ଅଗଣିତ ଲୋକଙ୍କ ପାଇଁ ଆଜିର ଦିନ, ୬ ଜୁଲାଇର ବିଶେଷ ମହତ୍ୱ ରହିଛି । ଆମେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରୁଛେ । ତାଙ୍କ ଜୀବନ ସାହସ ଏବଂ ମା' ଭାରତୀ ପ୍ରତି ଅତୁଟ ସମର୍ପଣର ଏକ ଚିରସ୍ଥାୟୀ ଉଦାହରଣ ହୋଇ ରହିଛି । ଆଧୁନିକ ଭାରତରେ ଏପରି ନେତା ବିରଳ ଯାହାଙ୍କ ଠାରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଭଳି ବୁଦ୍ଧିମତା, ଜନସେବା ଏବଂ ନୈତିକ ଦୃଢ଼ତାର ଏତେ ଗଭୀର ସଂଗମ ଦେଖିବାକୁ ମିଳୁଥିବ ।

ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଏପରି ଏକ ପରିସ୍ଥିତିରେ ଜନ୍ମଗ୍ରହଣ କରିଥିଲେ ଯେଉଁଠି ସେ ଚାହିଁଥିଲେ ସୁରକ୍ଷିତ ଏବଂ ଆରାମଦାୟକ ଜୀବନଯାପନ ଅତିବାହିତ କରିପାରିଥାନ୍ତେ । ତାଙ୍କ ପିତା ସାର୍ ଆଶୁତୋଷ ମୁଖାର୍ଜୀ ତତ୍କାଳୀନ ସମୟର ଜଣେ ଅଗ୍ରଣୀ ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀ ଥିଲେ । ଭାଗ୍ୟ ତାଙ୍କ ଆଗରେ ବିଶେଷାଧିକାରର ମାର୍ଗ ରଖିଥିଲେ ମଧ୍ୟ ତାଙ୍କର ଅନ୍ତରାତ୍ମା ତାଙ୍କୁ ବଳିଦାନ ଏବଂ ରାଷ୍ଟ୍ର ସେବା ଦିଗରେ ଆଗେଇ ନେଇଥିଲା । ଉପନିବେଶବାଦ, ସାମ୍ପ୍ରଦାୟିକତା, ମାନବୀୟ ଆହ୍ୱାନ ହେଉ କିମ୍ବା ଅନ୍ୟ କୌଣସି ସମସ୍ୟା ନିଜ ସମୟର ଅସ୍ଥିରତାକୁ ଦେଖି ସେ କେବଳ ଜଣେ ମୂକ ଦର୍ଶକ ସାଜିପାରିବେ ନାହିଁ ବୋଲି ତାଙ୍କ ମନରେ ବିଶ୍ୱାସ ଦୃଢ଼ ହୋଇଥିଲା । ଏହି ଯାତ୍ରା ସମୟରେ ତାଙ୍କୁ ଗୁରୁତର ବ୍ୟକ୍ତିଗତ ଦୁଃଖର ସାମ୍ନା କରିବାକୁ ପଡ଼ିଥିଲା । ପ୍ରଥମେ ତାଙ୍କର ନବଜାତ ଶିଶୁ ଏବଂ ପରେ ତାଙ୍କ ପତ୍ନୀ ପ୍ରାଣ ହରାଇଥିଲେ । କିନ୍ତୁ ଏହି ସବୁ ବ୍ୟକ୍ତିଗତ ଧକ୍କା ତାଙ୍କର ସଂକଳ୍ପକୁ ଆହୁରି ଗଭୀର କରିଥିଲା ଏବଂ ସେବା ପ୍ରତି ତାଙ୍କର ଅତୁଟ ପ୍ରତିବଦ୍ଧତାକୁ ଅଧିକ ମଜବୁତ କରିଥିଲା ।

ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସାର୍ବଜନୀନ ଜୀବନକୁ ପରିଭାଷିତ କରିଥିବା ଏକମାତ୍ର ଆଦର୍ଶ ଥିଲା ଭାରତର ଅଖଣ୍ଡତା । ବିଭାଜନର ଅସ୍ଥିରତାପୂର୍ଣ୍ଣ ସମୟରେ ସେ ଦୃଢ଼ତାର ସହ ଛିଡ଼ା ହୋଇଥିଲେ, ଯାହାଫଳରେ ପଶ୍ଚିମବଙ୍ଗ ଭାରତର ଅଭିନ୍ନ ଅଙ୍ଗ ହୋଇରହିବା ସୁନିଶ୍ଚିତ ହୋଇଥିଲା । କିଛି ବର୍ଷ ପରେ ଏହି ଦୃଢ଼ ବିଶ୍ୱାସ ତାଙ୍କୁ ଜାମ୍ମୁ-କାଶ୍ମୀର ଆଡ଼କୁ ଆଗେଇ ନେଇଥିଲା । ଜେଲରେ ବନ୍ଦୀ ହେବା ସତ୍ତ୍ୱେ ତାଙ୍କର ଦୃଢ଼ ସଂକଳ୍ପ ଅତୁଟ ରହିଥିଲା ଏବଂ ନିସଂଗତା ତାଙ୍କର ମନୋବଳକୁ ଭାଙ୍ଗି ପାରିନଥିଲା । କାରାବାସରେ ହିଁ ତାଙ୍କର ଜୀବନ ଦୀପ ଅକସ୍ମାତ୍ ଲିଭି ଯାଇଥିଲା । ଶେଷ ସମୟରେ ଡକ୍ଟର ମୁଖାର୍ଜୀ ସେହି ଅଗଣିତ ଲୋକଙ୍କ ଠାରୁ ଦୂରରେ ଥିଲେ ଯେଉଁମାନଙ୍କ ଲକ୍ଷ୍ୟକୁ ସେ ଆପଣାଇ ନେଇଥିଲେ । ଇତିହାସରେ ଏପରି ମୁହୂର୍ତ୍ତ ଆସିଥାଏ ଯେତେବେଳେ କୌଣସି ବ୍ୟକ୍ତିଙ୍କର ଅନ୍ତିମ ବଳିଦାନ ରାଜନୀତି ଠାରୁ ଊର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ରୀୟ ସ୍ମୃତିର ଏକ ଅଂଶବିଶେଷ ପାଲଟିଯାଏ । ଡକ୍ଟର ମୁଖାର୍ଜୀଙ୍କ ଅନ୍ତିମ ଯାତ୍ରା ମଧ୍ୟ ଏପରି ଏକ ମୁହୂର୍ତ୍ତ । ଆଚାର୍ଯ୍ୟ ବିନୋବା ଭାବେ କହିଥିଲେ, ''ଡକ୍ଟର ମୁଖାର୍ଜୀ ସେହି ଲକ୍ଷ୍ୟ ପାଇଁ ନିଜର ବଳିଦାନ ଦେଇଥିଲେ ଯେଉଁଥିରେ ତାଙ୍କର ବିଶ୍ୱାସ ରହିଥିଲା । ଅନେକ ବର୍ଷ ପରେ ୨୦୧୯ରେ ଅନୁଚ୍ଛେଦ ୩୭୦ ଓ ୩୫ (ଏ) ଉଚ୍ଛେଦ ତାଙ୍କ ବଳିଦାନ ପାଇଁ ସବୁଠୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଥିଲା ।

ଡକ୍ଟର ମୁଖାର୍ଜୀଙ୍କ ପାଇଁ ଭାରତ ଏବଂ ଭାରତୀୟ ମୂଲ୍ୟବୋଧ ସର୍ବୋପରି ଥିଲା । ସେ ଏପରି ପ୍ରତିଷ୍ଠାନ ଗଢ଼ିଥିଲେ ଏବଂ ଏଭଳି ପ୍ରଣାଳୀ ବିକଶିତ କରିଥିଲେ, ଯାହା ତତ୍କାଳୀନ ସମୟର ପାରମ୍ପରିକ ଚିନ୍ତାଧାରାର ବିପରୀତ ଥିଲା । ସେ କଲିକତା ବିଶ୍ୱବିଦ୍ୟାଳୟର ସବୁଠୁ କମ୍ ବୟସ୍କ କୁଳପତି ହୋଇଥିଲେ । ନିଜର ଅଭିନବ ଶୈଳୀରେ ସେ ଏପରି ସକାରାତ୍ମକ ପରିବର୍ତ୍ତନ ଆଣିଥିଲେ ଯାହା ଦେଶଭକ୍ତିପୂର୍ଣ୍ଣ ଏବଂ ଭବିଷ୍ୟତ ଆଧାରିତ ଥିଲା । ଶିକ୍ଷାବିତ୍ ମାନଙ୍କର ଏକ ସମ୍ମିଳନୀରେ ଉଦବୋଧନ ଦେଇ ଡକ୍ଟର ମୁଖାର୍ଜୀ ଗୋଟିଏ ଭଲ କଥା କହିଥିଲେ: ''ଶିକ୍ଷାନୁଷ୍ଠାନକୁ କେବଳ କିଛି କିରାଣୀ ଏବଂ କମ୍ ବେତନ ପାଉଥିବା କର୍ମଚାରୀଙ୍କ ପ୍ରସ୍ତୁତି କାରଖାନା ରୂପେ ଦେଖିବା ଭୁଲ । ଆମକୁ ଏପରି ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାକୁ ହେବ ଯେଉଁମାନେ ଆମର ସ୍ୱୟଂଶାସିତ ଅନୁଷ୍ଠାନ-ଯଥା ନଗର ନିଗମ, ପ୍ରାନ୍ତୀୟ ଏବଂ କେନ୍ଦ୍ରୀୟ ବିଧାନସଭାର ନେତୃତ୍ୱ ନେଇପାରିବେ । ଏଥିସହିତ ଆର୍ଥିକ, ବାଣିଜ୍ୟିକ ଏବଂ ଔଦ୍ୟୋଗିକ ଭଳି ଜୀବନର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ପରିଚାଳନା କରିପାରିବେ ।''

ତାଙ୍କ ନେତୃତ୍ୱରେ, କଲିକତା ବିଶ୍ୱବିଦ୍ୟାଳୟ ପାଠାଗାର ଭିତିଭୂମିର ଉନ୍ନତି, ବିଜ୍ଞାନ ଗବେଷଣା ବୃଦ୍ଧି, କଳାକୃତି ଅଧ୍ୟୟନକୁ ପ୍ରୋତ୍ସାହନ ଏବଂ କୃଷିରେ ପାଠ୍ୟକ୍ରମ ପ୍ରଚଳନ କରିବା ଭଳି ଅଭିନବ ପଦକ୍ଷେପ ଗ୍ରହଣ କରିଥିଲା । ସେ କ୍ରୀଡ଼ା, ଶିକ୍ଷକ ତାଲିମ ଏବଂ ଛାତ୍ର କଲ୍ୟାଣ ଭଳି କ୍ଷେତ୍ରଗୁଡ଼ିକ ପ୍ରତି ଧ୍ୟାନ ଦେଇଥିଲେ । ଛାତ୍ରଛାତ୍ରୀ ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗର୍ବର ଭାବନା ସୃଷ୍ଟି କରିବା ପାଇଁ, ସେ ୨୪ ଜାନୁଆରୀକୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଭାବରେ ପାଳନ କରିବାର ଏକ ପରମ୍ପରା ଆରମ୍ଭ କରିଥିଲେ । ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୀତ ରଚନା କରିବା ଲାଗି ସେ ଅନ୍ୟ କେହି ନୁହେଁ ସ୍ୱୟଂ ଗୁରୁଦେବ ଟାଗୋରଙ୍କୁ ଅନୁରୋଧ କରିଥିଲେ ।

ଏପରି ମନୋଭାବର ଆଉ ଏକ ଉଦାହରଣ ତାଙ୍କ ଜୀବନର ଶେଷ ଭାଗରେ ଦେଖିବାକୁ ମିଳିଥିଲା । ଏହି ସମୟରେ ସେ ଭାରତୀୟ ଜନସଂଘ ଗଠନ କରିବାକୁ ନିଷ୍ପତି ନେଇଥିଲେ । ତତ୍କାଳୀନ ସମୟରେ କଂଗ୍ରେସ ଦଳ ସର୍ବବ୍ୟାପୀ ଥିଲା । ଆମର ସାଂସ୍କୃତିକ ମୂଳଦୁଆ ସହ ଜଡିତ ରହି ଭାରତର ପ୍ରଗତି ପାଇଁ ଏକ ବିକଳ୍ପ ସ୍ୱର ଉତୋଳନ କରିବାର ଆବଶ୍ୟକତା ରହିଛି ବୋଲି ସେ ଅନୁଭବ କରିଥିଲେ । ଦଳର ପ୍ରତୀକ ସ୍ୱରୂପ ଦୀୟା ବା ମାଟି ଦୀପକୁ ଗ୍ରହଣ କରିବା ଉପଯୁକ୍ତ ନିଷ୍ପତି ଥିଲା । ଦୀପ ସାମାନ୍ୟ ହୋଇପାରେ କିନ୍ତୁ ଏହା ନିଜ ଠାରୁ ବହୁ ଦୂରରେ ଥିବା ଅନ୍ଧକାରକୁ ଦୂର କରିବାର ସାମର୍ଥ୍ୟ ରଖିଥାଏ । ଜନସଂଘ ଠିକ୍ ଏହିପରି ଭାବରେ କାର୍ଯ୍ୟ କରିଥିଲା ।

ଭାରତର ପ୍ରଥମ ଶିଳ୍ପ ଏବଂ ଯୋଗାଣ ମନ୍ତ୍ରୀ ଭାବରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ କାର୍ଯ୍ୟକାଳ ଜଣେ ରାଜନେତା ଭାବେ ତାଙ୍କ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରିଥିଲା । ବିକାଶକୁ ନେଇ ତାଙ୍କର ଧାରଣା ଅତ୍ୟନ୍ତ ବ୍ୟାପକ ଏବଂ ମାନବୀୟ ଥିଲା । ନୂଆ କରି ସ୍ୱାଧୀନ ହୋଇଥିବା ଗୋଟିଏ ରାଷ୍ଟ୍ରର ମର୍ଯ୍ୟାଦା, ସୁଯୋଗ ଏବଂ ଆତ୍ମବିଶ୍ୱାସ ଫେରାଇ ଆଣିବା ଲାଗି ସେ ଶିଳ୍ପକୁ ଏକ ମାଧ୍ୟମ ରୂପେ ଦେଖୁଥିଲେ । ସେ ସମ୍ପତି ସୃଷ୍ଟି ଏବଂ ମୂଲ୍ୟ ବୃଦ୍ଧିକୁ ସମ୍ମାନ କରୁଥିଲେ । ଦାମୋଦର ଭ୍ୟାଲି କର୍ପୋରେସନ, ସିନ୍ଦ୍ରି ସାର କାରଖାନା ଏବଂ ଏକ ଦୃଢ଼ ଶିଳ୍ପ ନୀତି ଭଳି ଅଗ୍ରଣୀ ପଦକ୍ଷେପ ମାଧ୍ୟମରେ ଡକ୍ଟର ମୁଖାର୍ଜୀ ଆଧୁନିକ ଶିଳ୍ପ ସମ୍ପନ୍ନ ଭାରତର ମୂଳଦୁଆ ଗଢ଼ିଥିଲେ । ଅନୁରୂପ ଭାବେ ସେ ଭାରତର ପାରମ୍ପରିକ ଶକ୍ତିକୁ ମଧ୍ୟ କେବେ ଅବହେଳା କରିନଥିଲେ । ହସ୍ତତନ୍ତ, କୁଟୀର ଶିଳ୍ପ, କାରିଗର ଏବଂ ବୟନ ଶ୍ରମିକଙ୍କ କଲ୍ୟାଣ ପାଇଁ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି ।

ଏଠାରେ, ମୁଁ ଏକ ବ୍ୟକ୍ତିଗତ ଅଭିଜ୍ଞତା ବାଂଟିବାକୁ ଚାହେଁ । ଡକ୍ଟର ମୁଖାର୍ଜୀ ଯେଉଁ ସିନ୍ଦ୍ରି ପ୍ଲାଂଟକୁ ଆତ୍ମନିର୍ଭରଶୀଳତାର ସ୍ପଷ୍ଟ ଦୃଷ୍ଟିକୋଣ ସହିତ ପ୍ରତିଷ୍ଠା କରିବା ପାଇଁ କାମ କରିଥିଲେ ସେହି ଶିଳ୍ପାନୁଷ୍ଠାନକୁ ଅନେକ ଦଶନ୍ଧି ଧରି ଦେଶ ଚଳାଉଥିବା ଲୋକମାନେ ଅଣଦେଖା କରିଥିଲେ । ଆମ ସରକାରଙ୍କୁ ଏହାର ପୁନରୁଦ୍ଧାରରେ ଯୋଗଦାନ ଦେବାର ସୁଯୋଗ ମିଳିଥିବାରୁ ମୁଁ ଗୌରବାନ୍ୱିତ ମନେ କରୁଛି । ଏପରି କାର୍ଯ୍ୟକ୍ରମରେ ସେଠାରେ ଉପସ୍ଥିତ ରହିବା ପ୍ରକୃତରେ ସବୁଠାରୁ ସ୍ୱତନ୍ତ୍ର ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ ଥିଲା ।

ଭାରତର ସଭ୍ୟତାଗତ ପରମ୍ପରାରେ ଆଲୋଚନା ଓ ବିତର୍କକୁ ଦୀର୍ଘ ଦିନ ଧରି ସମ୍ମାନ ଦିଆଯାଇ ଆସୁଛି । ଡକ୍ଟର ମୁଖାର୍ଜୀ ଏହି ଗଣତାନ୍ତ୍ରିକ ଭାବନାକୁ ମୂର୍ତ୍ତିମନ୍ତ କରିଥିଲେ । ସେ ପଣ୍ଡିତ ନେହରୁଙ୍କ ମନ୍ତ୍ରିମଣ୍ଡଳରେ ଯୋଗ ଦେଇଥିଲେ । କାରଣ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ରାଷ୍ଟ୍ର ନିର୍ମାଣର କାର୍ଯ୍ୟ ରାଜନୈତିକ ମତଭେଦ ଠାରୁ ଊର୍ଦ୍ଧ୍ୱରେ ଥିଲା ବୋଲି ସେ ଚିନ୍ତା କରୁଥିଲେ । ସେ ଆନ୍ତରିକତା ଏବଂ ଗଠନମୂଳକ ମନୋଭାବ ସହିତ ସେବା କରିଥିଲେ । କିନ୍ତୁ ରାଷ୍ଟ୍ରୀୟ ଗୁରୁତ୍ୱ ବହନ କରୁଥିବା ପ୍ରଶ୍ନଗୁଡ଼ିକ ପାଇଁ ଏକ ଭିନ୍ନ ପଥର ଆବଶ୍ୟକତା ରହିଛି ବୋଲି ଯେତେବେଳେ ସେ ଅନୁଭବ କଲେ ସେତେବେଳେ ମର୍ଯ୍ୟାଦାର ସହିତ ନିଜ ପଦ ତ୍ୟାଗ କରିଥିଲେ । ଏହାପରେ ରାଷ୍ଟ୍ର ଆବଶ୍ୟକ କରୁଥିବା ରାଜନୈତିକ କାର୍ଯ୍ୟରେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କଲେ ।

୭୫ ବର୍ଷ ପୂର୍ବେ ପଣ୍ଡିତ ନେହରୁ ପ୍ରଥମ ସଂଶୋଧନ ଆଣିଥିଲେ, ଯାହା ବାକ୍ ସ୍ୱାଧୀନତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ ଥିଲା । ଡକ୍ଟର ମୁଖାର୍ଜୀ ଏହାର କଠୋର ସମାଲୋଚକମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ କଂଗ୍ରେସ କ'ଣ କରିପାରିବ ତାହା ସମ୍ପୂର୍ଣ୍ଣ ବୁଝିପାରିଥିଲେ । ଆଉ ତାଙ୍କର ଏହି ଭାବନା ଠିକ୍ ଥିଲା । ୭୫ ବର୍ଷ ପୂର୍ବେ ପ୍ରଥମ ସଂଶୋଧନ ଆଣିଥିବା ଲୋକମାନେ ହିଁ ୫୦ ବର୍ଷ ପୂର୍ବେ ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ । ଏଥିପାଇଁ ସେମାନେ ୪୨ତମ ସଂଶୋଧନ ଆଇନ ଆଣିଥିଲେ, ଯାହା ପୁଣି ଥରେ ଉଦାର ଗଣତାନ୍ତ୍ରିକ ମୂଲ୍ୟବୋଧର ମୂଳଦୁଆ ଉପରେ ଆଘାତ କରିଥିଲା ।

ଡକ୍ଟର ମୁଖାର୍ଜୀଙ୍କ ମାନବୀୟ କାର୍ଯ୍ୟ ମଧ୍ୟ ଅସାଧାରଣ ଥିଲା । ୧୯୪୩ ମସିହାରେ ବଙ୍ଗରେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସବୁଠାରୁ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିବା ସମୟରେ ସେ ପ୍ରଭାବିତ ଲୋକଙ୍କ ସେବା କରିବାରେ ନିଜକୁ ଉତ୍ସର୍ଗ କରିଥିଲେ । ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କ୍ୟାଂଟିନ୍ ଏବଂ ରିଲିଫ୍ କେନ୍ଦ୍ର ଖୋଲିବାରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଗୋଟିଏ ପଟେ ନିଜ ଲୋକଙ୍କ ଦୁର୍ଦ୍ଦଶା ଦେଖି ସେ ଗଭୀର ଭାବରେ ମର୍ମାହତ ହୋଇଥିଲେ ଏବଂ ଅନ୍ୟପଟେ, ଉପନିବେଶବାଦୀ ଶାସକଙ୍କ ସମ୍ବେଦନହୀନତା ତାଙ୍କ ମନରେ ଘୃଣା ଉତ୍ପନ୍ନ କରିଥିଲା । ସେ 'ପଂଚଶେର ମନ୍ୱନ୍ତର' ନାମକ ଏକ ପୁସ୍ତକ ମଧ୍ୟ ଲେଖିଥିଲେ, ଯେଉଁଥିରେ ସେ ତାଙ୍କର କ୍ଷୋଭ ପ୍ରକାଶ କରିଥିଲେ । ୧୯୪୨ ମସିହାରେ ମେଦିନୀପୁରରେ ହୋଇଥିବା ଏକ ମହାବାତ୍ୟା ସମୟରେ ସହାୟତା ଯୋଗାଇ ଦେବା ଏବଂ ସ୍ୱାଭାବିକତା ଫେରାଇ ଆଣିବାରେ ସେ ବ୍ୟାପକ ପ୍ରୟାସ କରିଥିଲେ । ତାଙ୍କର ଏହି ପ୍ରୟାସକୁ ସର୍ବତ୍ର ପ୍ରଶଂସା କରାଯାଇଥିଲା ।

କୋଲକାତାର ଏକ ମହାବିଦ୍ୟାଳୟରେ ଭାଷଣ ଦେବା ଅବସରରେ ଡକ୍ଟର ମୁଖାର୍ଜୀ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ, ''ତୁମେମାନେ ଯେଉଁ କାର୍ଯ୍ୟ କରୁଛ, ତାକୁ ଗମ୍ଭୀରତାର ସହିତ, ସମ୍ପୂର୍ଣ୍ଣ ଏବଂ ଭଲ ଭାବରେ କର; ଏହାକୁ କେବେବି ଅଧା କିମ୍ବା ଅସମ୍ପୂର୍ଣ୍ଣ ଛାଡ଼ି ଦିଅ ନାହିଁ । ନିଜର ସର୍ବୋତମ ପ୍ରୟାସ ନକରିବା ପର୍ଯ୍ୟନ୍ତ ସନ୍ତୁଷ୍ଟ ହୁଅ ନାହିଁ ।'' ଆମ ଦେଶ ଏକ ବିକଶିତ ଭାରତର ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ସହିତ ଡକ୍ଟର ମୁଖାର୍ଜୀଙ୍କୁ ସର୍ବୋତମ ଶ୍ରଦ୍ଧାଞ୍ଜଳି ଦେବା ଲାଗି ଆମ ପାଖରେ ଉପଯୁକ୍ତ ସୁଯୋଗ ରହିଛି । ଆସନ୍ତୁ ଆମେ ଏକ ଶକ୍ତିଶାଳୀ, ଅଖଣ୍ଡ, ଆତ୍ମବିଶ୍ୱାସୀ ଏବଂ କରୁଣାପୂର୍ଣ୍ଣ ଭାରତ ଗଠନ କରିବା ଲାଗି ଦୈନନ୍ଦିନ ପ୍ରୟାସ କରିବା । ଏଭଳି ଏକ ଭାରତ ଗଢ଼ିବା ଲାଗି ଡକ୍ଟର ମୁର୍ଖାଜୀଙ୍କର ଦୃଢ଼ ବିଶ୍ୱାସ ରହିଥିଲା । ବର୍ତ୍ତମାନର ଯୁବପିଢ଼ିଙ୍କୁ ମୁଁ ଯେତିକି ଜାଣିଛି ସେମାନେ ଏ ସୁଯୋଗର ଲାଭ ଉଠାଇ ନିଶ୍ଚିତ ଭାବେ ଏହି ସ୍ୱପ୍ନକୁ ସାକାର କରିବେ ବୋଲି ମୋର ବିଶ୍ୱାସ ।

# ଏସବିଆଇ ନୂଆପଡ଼ା ଶାଖା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ

ନୂଆପଡ଼ା(ନି.ପ୍ର) ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ନୂଆପଡ଼ା ଶାଖା ପକ୍ଷରୁ ବ୍ୟାଙ୍କର ୭୧ତମ ବ୍ୟାଙ୍କ ଦିବସ ଅବସରରେ ରବିବାର, ୦୫.୦୭.୨୦୨୬ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର, ନୂଆପଡ଼ାଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।ଏହି ଶିବିରକୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମଧୁସୁଦନ ଦାଶ ଜିଲ୍ଲାପାଳ ନୂଆପଡ଼ା ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଡେପୁଟି କମାନଡେଂଟ ହରିବଂଶ ସିଂ ଏବଂ ଲିଡ୍ ଡିଷ୍ଟ୍ରିକ୍ଟ ବ୍ୟାଙ୍କ୍ ମ୍ୟାନେଜର୍ ହରିଶଙ୍କର ନିଆଲ ପ୍ରମୁଖ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିଲେ । ଅତିଥିଗଣ ଏସବିଆଇର ଏହି ମହତ୍ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ଅମୂଲ୍ୟ ଜୀବନ ରକ୍ଷା ପାଇଁ ସମସ୍ତଙ୍କୁ ଆଗେଇ ଆସି ସ୍ୱେଚ୍ଛାକୃତ ରକ୍ତଦାନ କରି ଆହ୍ୱାନ ଜଣାଇଥିଲେ ।ଏହି ଶିବିରରେ ମୋଟ ୩୦ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷକ ତଥା ସ୍ୱେଚ୍ଛାକୃତ ନିୟମିତ ରକ୍ତଦାତା କିଶୋର କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଏସବିଆଇ ନୂଆପଡ଼ା ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୀ ଲିଙ୍କନ ଦାସ ଜିଲ୍ଲା ପ୍ରଶାସନ, ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ଏବଂ ରକ୍ତଦାନ କରିଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତ୍ରୀ ଓ ରକ୍ତଦାତା ଙ୍କୁ ଏହି ମହତ୍ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ ।

# ମେଫେୟାର ଲାଗୁନ ହୋଟେଲ ସଭା କକ୍ଷରେ ପ୍ରମୋଦ କିଶୋର ପରିଡାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ପୁରସ୍କାର ପ୍ରଦାନ

ଭୁବନେଶ୍ୱର: ମାନବ ଅଧିକାର ସୁରକ୍ଷା ପରିଷଦ, ଭାରତ ଯାହା ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ପାଇଁ କାର୍ଯ୍ୟ କରେ ଏହା (ଟଘଉରଝଇ) ଦ୍ୱାରା ଅନୁବନ୍ଧିତ ଆଜି ସ୍ଥାନୀୟ ମେଫେୟାର ଲାଗୁନ ହୋଟେଲ ସଭା କକ୍ଷରେ ଶ୍ରୀଯୁକ୍ତ ପ୍ରମୋଦ କିଶୋର ପରିଡା ଙ୍କୁ ସମ୍ମାନଜନକ ଡକ୍ଟରେଟ୍ ପୁରସ୍କାର ୨୦୨୬ ଗ୍ରହଣ କରିବା ପାଇଁ ମନୋନିତ କରି ସମ୍ମାନଜନକ ଡକ୍ଟରେଟ୍ ପୁରସ୍କାର ପ୍ରଦାନ କରିଥିଲେ ! ସେଥିପାଇଁ ମୁ ପ୍ରମୋଦ କିଶୋର ପରିଡା ଅନୁଷ୍ଠାନ ର ଉର୍ନତି କାମନା ସାହିତ ସମାଜସେବା କରିବାପାଇଁ ଉତ୍ସାହିତ କରିବାଦିଗରେ ସହାୟକ ହେବବୋଲି ଆଶା କରେ ! ଏହି ସମାରୋହକୁ ଡକ୍ଟର ର ନାରାୟଣ ପାତି, ଡ଼କ୍ଟର ପ୍ରକାଶ ଶ୍ରୀଚନ୍ଦନ ଅନୁଷ୍ଠାନ ର ସଭାପତି




ଏନ ଏନ ପ୍ରଧାନଙ୍କ ଦ୍ୱାରା ମୋତେ ସଂମ୍ମାନଜନକ ଡକ୍ଟରେଟ ପ୍ରଦାନ କରିଥିବାରୁ ଖୁସି ଅନୁଭବ କରୁଛୁ । ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଉତ୍କର୍ଷତା ଏବଂ ମୂଲ୍ୟବାନ ଅବଦାନର ସ୍ୱୀକୃତି ସ୍ୱରୂପ, ଏହି ସମ୍ମାନଜନକ ଡକ୍ଟରେଟ୍ ପୁରସ୍କାର ୨୦୨୬ ପାଇଅଛି । ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି ଏବଂ ସମ୍ମାନିତ ଅତିଥିମାନଙ୍କ ଠାରୁ ପାଇବା ସୌଭାଗ୍ୟର ବିଷୟ ଅଟେ । ମୋତେ ଏହି ସଂମ୍ମାନଜନ ଉପାଧି ପ୍ରଦାନ କରିଥିବାରୁ ମାନବାଧିକାର ସୁରେକ୍ଷା ପରିଷଦ, ଭାରତ କୁ ଧନ୍ୟବାଦ !

# ନୂଆପଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ୨୦୦ ଇସ୍ପାତ ଜଳ ବୋତଲ ବଂଟନ

ନୂଆପଡ଼ା(ନି.ପ୍ର) ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ (ଏସ୍ ?ୟୁପି) ମୁକ୍ତ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ମଧୁସୂଦନ ଦାଶ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ୨୦୦ଟି ପୁନଃବ୍ୟବହାରଯୋଗ୍ୟ ଇସ୍ପାତ ଜଳ ବୋତଲ ବଂଟନ କରିଛନ୍ତି । ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ), ନୂଆପଡ଼ା ଶାଖା ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍ଆର) ପାଣ୍ଠିରୁ ଏହି ବୋତଲଗୁଡ଼ିକ ପ୍ରଦାନ କରାଯାଇଛି ।ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ମୁକ୍ତ କରିବା ଜିଲ୍ଲା ପ୍ରଶାସନର ଏକ ପ୍ରମୁଖ ଲକ୍ଷ୍ୟ । ଏହି ବ୍ୟବସ୍ଥା ଅନୁଯାୟୀ



ହସ୍ପିଟାଲରେ ଭର୍ତି ହେଉଥିବା ପ୍ରତ୍ୟେକ ରୋଗୀଙ୍କୁ ବ୍ୟବହାର ପାଇଁ ଏକ ଇସ୍ପାତ ଜଳ ବୋତଲ ପ୍ରଦାନ କରାଯିବ ଏବଂ ରୋଗୀ ଡିସ୍‌ଚାର୍ଜ ହେବା ପରେ ବୋତଲଟି ଫେରସ୍ତ ନିଆଯିବ । ଏହା ଦ୍ୱାରା ହସ୍ପିଟାଲ ପରିସରରେ ଏକବାର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବୋତଲର ବ୍ୟବହାର ହ୍ରାସ ପାଇବା ସହ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହନ ମିଳିବ ।ଏସ୍ ?ବିଆଇ ନୂଆପଡ଼ାର ମୁଖ୍ୟ ପ୍ରବନ୍ଧକ ଲିଙ୍କନ ଦାସ କହିଥିଲେ ଯେ, ପରିବେଶ ସୁରକ୍ଷା ଓ ସାମାଜିକ କଲ୍ୟାଣ ପ୍ରତି ବ୍ୟାଙ୍କ ସଦା ପ୍ରତିବଦ୍ଧ ରହିଛି । ସମାଜର ଆବଶ୍ୟକତା ଅନୁଯାୟୀ ଏଭଳି ଜନହିତକର କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।ଏହି ପଦକ୍ଷେପ ରୋଗୀ ସୁବିଧା ବୃଦ୍ଧି ସହିତ ପରିବେଶ ସୁରକ୍ଷା ଏବଂ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନ ଅଭିଯାନକୁ ଅଧିକ ସୁଦୃଢ଼ କରିବ ବୋଲି ପ୍ରକାଶ କରାଯାଇଥିଲା ।

# ପୋଖରୀ ଭିତରକୁ ପଶିଲା କାର

ନୀଳଗିରି, (ନି.ପ୍ର.) ରବିବାର ୬ ଘଟିକା ସମୟରେ ନୀଳଗିରି - ସନ୍ତରାଗଡ଼ିଆ ରାସ୍ତାରେ ଓଡିଠ ୧ଏକ୍ୟୁ ୩୦୦୪ ନମ୍ବର ବିଶିଷ୍ଟ ଏକ ମାରୁତି ଏସ -ପ୍ରେସୋ କାର କୁ ମହିଳା ଚଲାଇ ଆସୁଥିବା ବେଳେ ନିଶ୍ଚନ୍ତପୁର ଠାରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାଖରେ ଥିବା ଏକ ଗଛକୁ ଧକ୍କା ଦେଇ ପୋଖରୀ ଭିତରେ ପସି ଯାଇଥିଲା । ଏହି ଦୁର୍ଘଟଣାରେ ମହିଳା ଜଣକ ଅଳ୍ପକେ ବର୍ତୀ ଯାଇଥିଲେ । ଦୁର୍ଘଟଣାରେ ଗାଡି ଭାଙ୍ଗି ଯାଇଥିବା ଜଣାପଡ଼ିଛି । ଖବର ପାଇ ନୀଳଗିରି ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ଗଭୀର ପୋଖରୀ ଭିତରୁ ଉକ୍ତ ଦୁର୍ଘଟଣା ଗ୍ରସ୍ତ କାର କୁ ଉଦ୍ଧାର କରିବା ସମ୍ଭବପର ହୋଇନଥିଲା । ପରେ ନୀଳଗିରି



ପୋଲିସ ଘଟଣା ସ୍ଥଳରେ ପହଂଚି ମେସିନ ଦ୍ୱାରା କାର କୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ମହିଳା ଙ୍କ ଘର ନୀଳଗିରି ଅଂଚଳରେ ହୋଇଥିବା ବେଳେ ସେ ବାହାରେ ରହୁଥିଲେ । ସେ ଆଜି ଘରକୁ ଆସୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା ।

# ଉମ୍ବରୁଧର ମହାନ୍ତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାପା ମହୋତ୍ସବ

କଟକ: (ନି. ପ୍ର.) ବିଜୁପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଉମ୍ବରୁଧର ମହାନ୍ତି ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ବାପା ମହୋତ୍ସବ- ୨୦୨୬ ପ୍ରତିଷ୍ଠାତା ପ୍ରଭୁ ମହାନ୍ତିଙ୍କ ପରିଚାଳନାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ପରମହଂସ ସ୍ୱାମୀ ପ୍ରଜ୍ଞାନନ୍ଦଜୀ ମହାରାଜ, ମୁଖ୍ୟ ଅତିଥି ସି ଏମ୍ ସି ମେୟର ସୁବାସ ସିଂହ, ମୁଖ୍ୟ ବକ୍ତା ସମ୍ବାଦ ଓ କନକ ନିଉଜ ସମ୍ପାଦିକା ଶ୍ରୀମତୀ ତନୟା ପଟ୍ଟନାୟକ, ବିଶିଷ୍ଟ ଅତିଥି ପୁରୀ ଶ୍ରୀମନ୍ଦିର ବରିଷ୍ଠ ସେବକ ଶ୍ରୀଯୁକ୍ତ ଗଙ୍ଗାଧର ପ୍ରତିହାରୀ, ମାନ୍ୟବର ମହଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ, ବରିଷ୍ଠ ବି ଜେ ପି ରାଜନେତା ଶ୍ରୀଯୁକ୍ତ ନୟନ କିଶୋର ମହାନ୍ତି, ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଅନୁଷ୍ଠାନର ସମ୍ପାଦକ ସମ୍ୟକ ମହାନ୍ତି, ସଭାପତି ଡକ୍ଟର ଶୁଭେନ୍ଦୁ ସ୍ୱାଇଁ , ଶ୍ରୀଯୁକ୍ତ ରଣଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇଯାଇଥିବାବେଳେ ବହୁ ପ୍ରତଭାଧର ବ୍ୟକ୍ତି ଓ ଟସ୍ପର ଛାତ୍ରଛାତ୍ରୀ ଏବଂ ପୂଜ୍ୟ ସନ୍ଥ ଶ୍ରୀଲଭକ୍ତି ବିଜ୍ଞାନ ଆକିଂଚନ ମହାରାଜ , ଶୁଭଶ୍ରୀ ସାହୁ, ନିରଞ୍ଜନ ସ୍ୱାଇଁ, ଶ୍ରୀଯୁକ୍ତ ପ୍ରଭାକର ସ୍ୱାଇଁ, ରବୀନ୍ଦ୍ର ନାଥ ମହାନ୍ତି, ରଶ୍ମୀ ରଞ୍ଜନ ମହାପାତ୍ର, ଡକ୍ଟର ହରମୋହନ ବାରିକ, ରାଜେନ୍ଦ୍ର ଜେନା , ପ୍ରଭାକର ବାରିକ ଓ ପାର୍ଥ ପ୍ରୀତମ ପତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍ ବ୍ୟତିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ସଫଳ କରାଯାଇଥିଲା ।

# ବର୍ଷ ବର୍ଷ ଧରି ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି: ଯାତାୟାତରେ ବ୍ୟାପକ ଅସୁବିଧା

ନୂଆପଡ଼ା, (ନି.ପ୍ର) ନୂଆପଡା ଜିଲ୍ଲା ଖଡ଼ିଆଳ ୱାର୍ଡ ନଂ ୫ ସାହୁପଡାରୁ ଭବାନୀପାଟଣା ୧୬ ନଂ ରାଜ୍ୟ ରାଜପଥ ସଂଯୋଗ କରୁଥିବା ରାସ୍ତା ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠିଏ ପାଣି ଜମୁଛି ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ଓ ନିକଟରେ ଥିବା ଦଶ ପରିବାର ଜଳ ବନ୍ଦୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଖଡ଼ିଆଳ ଏନ ଏ ସି ପକ୍ଷରୁ ସ୍ଥାୟୀ ସମାଧାନ କରୁ



ନଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଜଳ ନିଷ୍କାସନ ବ୍ୟବସ୍ଥା ଠିକ ନଥିବା ଯୋଗୁଁ ବର୍ଷା ପାଣି ରାସ୍ତାରେ ଜମି ରହୁଛି । ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ ଓ ରୋଗୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟା ବର୍ଷା ଋତୁରେ ବର୍ଷ ବର୍ଷ ଧରି ଲାଗି ରହିଥିବାରୁ ତାର ସ୍ଥାୟୀ ସମାଧାନ କରିବାକୁ ପଡ଼ାବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି ହେଲେ ପ୍ରଶାସନ ଦେଖିକି ନ ଦେଖିଲା ପରି ତୁନି ପଡୁଛି ବୋଲି ଅଭିଯୋଗ କଲେ ପଦାବାସି ।





# ବସ୍ତା ନିର୍ବାଚନ ମଣ୍ଡଳୀର ଏସ ଆଇ ଆର ଡ୍ରାଫ୍ଟ ତାଲିକା ପ୍ରକାଶ



ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ୩୭ ନମ୍ବର ବିଧାନସଭା ର୍ନିାଚନ ମଣ୍ଡଳ ବସ୍ତାର ସଘନ ପୁନ ସଂଶୋଧନ (ଏସ ଆଇ ଆର)ଡ୍ରାଫ୍ଟ ତାଲିକା ବାଲିଆପାଳ ବ୍ଲକ ପକ୍ଷରୁ ରବିବାର ପ୍ରକାଶ ପାଇଛି । ଏହି ଅବସରରେ ବାଲିଆପାଳ ବ୍ଲକର ବୁଥ ନଂ ୨୧୨, ଚୌଧୁରୀକୁଦ ପ୍ରାଇମେରୀ ସ୍କୁଲକୁ ୩୭ ନମ୍ବର ବସ୍ତା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରିଣୀ ବିଥିକା ସ୍ୱାଇଁ, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମୁଦୁଲି, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ପ୍ରମୁଖ ପରିଦର୍ଶନରେ ଯାଇଥିଲେ । ଏହି ଅବସରରେ ଉପରିସ୍ଥ ଅଧିକାରୀ ମାନେ ଲୋକଙ୍କୁ ସଚେତନତା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ପରିଦର୍ଶନରେ ଯାଇଥିବା ଅଧିକାରୀ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ । ଏସ ଆଇ ଆର ଡ୍ରାଫ୍ଟ ତାଲିକାରେ ପ୍ରକାଶ ପାଇଥିବା ପଞ୍ଜିକରଣ ତଥ୍ୟ ରେ ଭୁଲ ଥିଲେ ଏହା ଆଜି ଠାରୁ ଏକମାସ ଅର୍ଥାତ ଅଗଷ୍ଟ ୪ତାରିଖ ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରି ପାରିବେ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟ କ୍ରମରେ ବିଏଲଓ ସୁପର ଭାଇଯାର ଅଶୋକ କୁମାର ଗିରି, ଙ୍କ ସହିତ ୨୧୨ ନମ୍ବର୍ ବୁଥରର ବିଏଲଓ ଏବଂ ଏସ ଆଇ ଆର କାର୍ଯ୍ୟରେ ନିଉଜିତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ଶିଳ୍ପାଂଚଳର ଯୁବକ ଯୁବତୀଙ୍କ ପାଇଁ ଦାଉ ସାଜିଛି ଦାଦନ ଯନ୍ତ୍ରଣା ବାହାର ରାଜ୍ୟରେ

ରାୟଗଡ଼ା(ନିପ୍ର): ରାୟଗଡା ଜିଲ୍ଲାରୁ ଦାଦନ ଖଟିବାକୁ ଯାଇ ପୁଣି ଆଉ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ପଡ଼ୋଶୀ ତାମିଲନାଡୁ ରାଜ୍ୟର ମାଲୁର ଅଂଚଳରେ ଏହି ଅଭାବନୀୟ ଘଟଣା ଘଟିଥିବା ବେଳେ ମୃତକଙ୍କ ଝୁଲନ୍ତା ମୃତଦେହ ଏକ ଗଛରୁ ଉଦ୍ଧାର କରାଯାଇଛି । ମୃତକ ହେଲେ କାଶୀପୁର ବ୍ଲକ ଚନ୍ଦ୍ରଗିରି ପଂଚାୟତର ଚାନ୍ଦଗିରି ଗ୍ରାମର କୁଳଧର ଗୌଡ଼(୩୦) । ମୃତ କୁଳଧର ପ୍ରାୟ ୪ ବର୍ଷ ହେଲା ତାମିଲନାଡୁର ମାଲୁର୍ ଠାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି । ଶବକୁ ଜନ୍ମମାଟିକୁ ଆଣିବା ପାଇଁ ଶ୍ରମ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଛି । ସୂଚନା ଅନୁସାରେ, କୁଳଧର ଗୌଡ଼ ଜୀବିକା ନିର୍ବାହ ପାଇଁ ପ୍ରାୟ ୪ବର୍ଷ ତଳେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ କାମ କରୁଥିବା ସମୟରେ ଏକ ଗଛରେ ତାଙ୍କର ଝୁଲନ୍ତା ମୃତଦେହ ମିଳିଥିଲା । ଖବର ପାଇ ସ୍ଥାନୀୟ ପୋଲାଚି ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ପଲାଚି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଅନ୍ୟପଟେ ଏହି ଦୁଃଖଦ ଖବର ଗାଁରେ ପହଂଚିବା ପରେ ପରିବାର ଲୋକଙ୍କ ମଧ୍ୟରେ କାନ୍ଦବୋବାଳି ପଡ଼ିଛି । ଶବକୁ ତାମିଲନାଡୁରୁ ରାୟଗଡାକୁ ଆଣିବା ପାଇଁ ଶ୍ରମ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି । ପୁଣିଥରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ଜିଲ୍ଲାରେ ଚିନ୍ତା ବଢ଼ାଇଛି ।

# ସରକାରୀ କାର୍ଯ୍ୟରେ ବାଧା, ସରପଂଚ ଓ ପିଇଓଙ୍କୁ ଅଟକ ରଖିଥିବା ଅଭିଯୋଗ

ଦାନଗଦି(ନିପ୍ର): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ମାନତିରା ଗ୍ରାମ ପଂଚାୟତରେ ପୁଣିଥରେ ବିବାଦ ମୁଣ୍ଡ ଟେକିଛି । ଏଥର ପଂଚାୟତର ଗଈକ (ମିଶନ ଶକ୍ତି ବ୍ଲକ କୋଓର୍ଡିନେଟର)ଙ୍କ ବିରୋଧରେ ସରପଂଚ ରଶ୍ମିତା ପାତ୍ର ଗୁରୁତର ଅଭିଯୋଗ ଆଣି ଜଖପୁରା ଥାନାରେ ଲିଖିତ ଏତଲା ଦାଖଲ କରିଛନ୍ତି । ଏହି ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପଂଚାୟତ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ସରପଂଚଙ୍କ ଅଭିଯୋଗ ଅନୁଯାୟୀ, ପଂଚାୟତ କାର୍ଯ୍ୟାଳୟରେ ଚାଲିଥିବା ସରକାରୀ କାର୍ଯ୍ୟରେ ଗଈକ ବାଧା ସୃଷ୍ଟି କରିଥିଲେ । ଏପରିକି ସରପଂଚ ଏବଂ ପଂଚାୟତ ନିର୍ବାହୀ ଅଧିକାରୀ (ଚରଙ)ଙ୍କୁ କାର୍ଯ୍ୟାଳୟ ଭିତରେ ତାଲା ମାରି ଅଟକ ରଖାଯାଇଥିବା ଅଭିଯୋଗ ମଧ୍ୟ ଏତଲାରେ ଉଲ୍ଲେଖ କରାଯାଇଛି । ଜନପ୍ରତିନିଧିଙ୍କ ସହ ଏଭଳି ବ୍ୟବହାରକୁ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସରପଂଚଙ୍କ ଅଭିଯୋଗ ପାଇବା ପରେ ଜଖପୁରା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ପ୍ରାରମ୍ଭିକ ତଦନ୍ତ କରିଥିବା ସୂଚନା ମିଳିଛି । ସମ୍ପୃକ୍ତ ପକ୍ଷଙ୍କ ବୟାନ ସଂଗ୍ରହ କରାଯାଉଥିବା ବେଳେ ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ, କୋଭିଡ-୧୯ ସମୟରେ ପଂଚାୟତ ସ୍ତରରେ ସରପଂଚମାନଙ୍କୁ କେତେକ ପ୍ରଶାସନିକ କ୍ଷମତା ପ୍ରଦାନ କରାଯାଇଥିଲା । ଏପରି ପରିସ୍ଥିତିରେ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କୁ ଅଟକ ରଖାଯାଇଥିବା ଅଭିଯୋଗ ସମଗ୍ର ଘଟଣାକୁ ଅଧିକ ସମ୍ବେଦନଶୀଳ କରିଛି । ତେବେ ଏହି ଅଭିଯୋଗ ସମ୍ପର୍କରେ ଗଈକଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ । ପୋଲିସ ତଦନ୍ତ ଶେଷ ହେବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଉଛି । ଏହି ଖବରରେ ଉଲ୍ଲେଖିତ ଅଭିଯୋଗ ସରପଂଚଙ୍କ ଏତଲା ଆଧାରିତ । ପୋଲିସ ତଦନ୍ତ ଚାଲିଥିବାରୁ ଅଭିଯୋଗର ସତ୍ୟତା ସମ୍ପର୍କରେ ଚୂଡ଼ାନ୍ତ ନିଷ୍କର୍ଷ ଆସିନାହିଁ ।

# ମୟୂରଭଞ୍ଜ କଲେଜ ଅଫ ଏକାଉଂଟାନସୀ ଆଣ୍ଡ ମ୍ୟାନେଜମେଂଟରେ ବନମହୋତ୍ସବ ପାଳିତ



ବାରିପଦା(ନିପ୍ର): ମୟୂରଭଞ୍ଜ କଲେଜ ଅଫ୍ ଆକାଉଂଟାନ୍ସି ଆଣ୍ଡ ମ୍ୟାନେଜମେଂଟ (ଏମ୍‌ସିଏମ୍), ମହାରାଜପୁର ସ୍ଥିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଉତ୍ସାହର ସହ ପାଳନ କରାଯାଇଛି । ପରିବେଶ ସୁରକ୍ଷା, ସବୁଜିମାର ବିକାଶ ଏବଂ ବୃକ୍ଷରୋପଣ ସମ୍ପର୍କରେ ସାମାଜିକ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଭାରେ ଅଧକ୍ଷତା କରି କହିଥିଲେ ଯେ, ବୃକ୍ଷ କେବଳ ପରିବେଶର ସନ୍ତୁଳନ ରକ୍ଷା କରେ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତିବର୍ଷ ଅତି କମରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର ଡ଼. ବନଜା ମହାନ୍ତି, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ଼. ପୁଷ୍ପା ପାତ୍ର, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମ୍ପର୍କ ନିର୍ଦ୍ଦେଶକ ଡ଼. ରାଜେନ୍ଦ୍ର କୁମାର ଦାସ, କିଟ୍ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗର ନିର୍ଦ୍ଦେଶକ ଡ଼. ଚିନ୍ମୟ କୁମାର ପାଣିଗ୍ରାହୀ ଏବଂ ରାଇରଙ୍ଗପୁର କଲେଜର ପୂର୍ବତନ ଅଧକ୍ଷ ଡ଼. ସୁନୀଲ କୁମାର ଜେନା ଯୋଗଦେଇ କ୍ୟାମ୍ପସରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରିଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ବିଶ୍ୱ ଉଷ୍ମତା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣ ଭଳି ସମସ୍ୟାର ମୁକାବିଲା ପାଇଁ ବୃକ୍ଷରୋପଣ ଏକ ପ୍ରଭାବଶାଳୀ ମାଧ୍ୟମ । କେବଳ ଗଛ ଲଗାଇବା ନୁହେଁ ବରଂ ତାହାର ସୁରକ୍ଷା ଓ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ସୂଚନା ଦେଇଥିଲେ ଯେ, ବନ ମହୋତ୍ସବକୁ କେବଳ ଗୋଟିଏ ଦିନରେ ସୀମିତ ନ ରଖି ଆଗାମୀ ଏକ ମାସ ଧରି ବୃକ୍ଷରୋପଣ ଓ ସଚେତନତା ଅଭିଯାନ ଚାଲିବ । ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମାଂଚଳରେ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

# ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ



ରାୟଗଡ଼ା(ନିପ୍ର): ରାୟଗଡ଼ା ଜିଲ୍ଲା ପୁଲିସ ମାଓବାଦୀ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ହାସଲ କରିଛି । ଅମ୍ବାଦଳା ଥାନା ଅଧୀନ ରଘୁବାରୀ ସଂରକ୍ଷିତ ଜଙ୍ଗଲରୁ ମାଓବାଦୀଙ୍କ ଏକ ବିଶାଳ ଗୁପ୍ତ ଭଣ୍ଡାର ଠାବ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ବିସ୍ଫୋରକ ସାମଗ୍ରୀ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ କରାଯାଇଥିବା ରାୟଗଡା ଏସପି ରାଜ ପ୍ରସାଦ ଡିପିଓ ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ପ୍ରଦାନ କରିଛନ୍ତି । ଗତ ଦିନ ରାୟଗଡା ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଠାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଜୁଲାଇ ୨ ତାରିଖରେ ଜିଲ୍ଲା ସ୍ୱେଚ୍ଛାସେବୀ ବଳ (ଡିଭିଏଫ୍) ଏବଂ ସ୍ପେଶାଲ୍ ଅପରେସନ୍ସ ଗ୍ରୁପ୍ (ଏସଓଜି) ପକ୍ଷରୁ ମିଳିତ କମ୍ବିଂ ଅଭିଯାନ ଚଳାଯାଇଥିଲା । ଅଭିଯାନ ବେଳେ ବୋମା ନିଷ୍କ୍ରିୟକରଣ ଦଳକୁ ନିୟୋଜିତ କରାଯାଇ ସମ୍ଭାବ୍ୟ ଆଇଇଡି ବିପଦକୁ ନିଷ୍କ୍ରିୟ କରାଯିବା ପରେ ଜବତ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ଜିଲ୍ଲା ପୁଲିସ ଅଧୀକ୍ଷକ ରାଜ ପ୍ରସାଦ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଜବତ ସାମଗ୍ରୀ ମଧ୍ୟରେ ଷ୍ଟେନ୍ ଗନ୍ ?ର ଯନ୍ତ୍ରାଂଶ, ଏକ .୩୦୩ ରାଇଫଲ୍ ସହ ୩୭ ରାଉଣ୍ଡ ଗୁଳି, ଏକ ଦେଶୀ ବନ୍ଧୁକ, ୨୫ ରାଉଣ୍ଡ ୯ ମି.ମି. ଗୁଳି, ୧୦ଟି ଆରପିଜିଏଲ୍, ୩ଟି ଷ୍ଟେନ୍ ମାଗାଜିନ୍, କର୍ଡେକ୍ସ ତାର, କର୍ଡେକ୍ସ ନଟ୍, ବାରୁଦ ଓ ଖାଲି କାର୍ତ୍ତୁଜ୍ ସାମିଲ ରହିଛି । ଏହା ସହିତ ମାଓବାଦୀ ସାହିତ୍ୟ, କ୍ୟାମ୍ପିଂ ସାମଗ୍ରୀ, ଖାଦ୍ୟ ସାମଗ୍ରୀ, କମ୍ବଳ, ଛତା, ଛୁରୀ, ପାଦୁକା ଓ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଗୁପ୍ତ ଭଣ୍ଡାର ସିପିଆଇ (ମାଓବାଦୀ) ବଂଶଧାରା-ଘୁମୁସରା-ନାଗାବଳୀ ଡିଭିଜନର ଥିଲା । ଭବିଷ୍ୟତରେ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ଏହି ସାମଗ୍ରୀଗୁଡ଼ିକୁ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ସନ୍ଦେହ କରାଯାଉଛି । ରାୟଗଡ଼ା ଜିଲ୍ଲାକୁ ମାଓବାଦୀମୁକ୍ତ କରିବା ଦିଗରେ ଏହି ଜବତ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ପୁଲିସ କହିଛି । ଉଲ୍ଲେଖଯୋଗ୍ୟ, ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ଅନେକ ଦୁର୍ଦ୍ଦାନ୍ତ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ, ଗତ ଜୁନ୍ ୧୩ ତାରିଖରେ ଦେପାଗୁଡ଼ା ଜଙ୍ଗଲରୁ ମଧ୍ୟ ଏକ ମାଓବାଦୀ ଗୁପ୍ତ ଭଣ୍ଡାର ଜବତ କରାଯାଇଥିଲା । ପୁଲିସ ଅଧୀକ୍ଷକ ରାଜ ପ୍ରସାଦ କହିଛନ୍ତି ଯେ, ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଦମନ କରିବା ଏବଂ ଅଂଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଏସଓଜି, ଡିଭିଏଫ୍ ଓ ସିଆରପିଏଫ୍‌ର ମିଳିତ କମ୍ବିଂ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

# ଉତ୍କଳମଣିଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରତିଯୋଗିତା



ଯଖପୁରା(ନିପ୍ର): ଓଡ଼ିଶାର ଅଗ୍ରଣୀ ଦୈନିକ 'ସମାଜ'ର ପ୍ରତିଷ୍ଠାତା ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ 'ସମାଜ ପରିବାର' ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତି ବ୍ଲକ ଓ ପୌରାଂଚଳରେ ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୨୯ ଚିତ୍ରାଙ୍କନ ଏବଂ ୧୭ ଜଣ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ । କୁଇଜ୍ ପ୍ରତିଯୋଗିତାରେ ଯାଜପୁର ରୋଡ୍ ସେଂଟ ଜାଭିୟର୍ସ ସ୍କୁଲର ଛାତ୍ରୀ ଅନୁଷ୍କା ଧଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟର ସଂଗୀତା ଭଦ୍ରା ଦ୍ୱିତୀୟ ଏବଂ କମଳ ମହାରଣା ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ସେଂଟ ମେରୀସ୍ ସ୍କୁଲର ସୌରଭଶ୍ରୀ ଦେବନାଥ ପ୍ରଥମ, ସେହି ବିଦ୍ୟାଳୟର ଦିବ୍ୟାଂଶ ମହାପାତ୍ର ଦ୍ୱିତୀୟ ଏବଂ କେ.ଏନ୍. ବ୍ରହ୍ମଚାରୀ କେନ୍ଦୁଡିପି ସ୍କୁଲର ଯଶରାଜ କାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ 'ସମାଜ'ର ଯାଜପୁର ଜିଲ୍ଲା ପ୍ରତିନିଧି ରଙ୍ଗବଲ୍ଲଭ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଦାନଗଦି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ଯଖପୁରା ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଂଚର ସଭାପତି ତ୍ରିଲୋଚନ ଧଳ, ସମ୍ପାଦକ ହୃଷୀକେଶ ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ବେହେରା, ବେଣୁଧର ରାଉତ, ଦୈତାରି ସେଠୀ, ରାମଚନ୍ଦ୍ର ସାହୁ ଏବଂ ସମାଜସେବୀ ବ୍ରତତୀ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । 'ସମାଜ'ର କଳିଙ୍ଗନଗର ପ୍ରତିନିଧି ଅକ୍ଷୟ କୁମାର ଧଳ ଓ ଯଖପୁରା ପ୍ରତିନିଧି ଅନିଲ କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ଓମ୍ ପ୍ରଭା ସାମଲ, ମୋନାଲିସା ନାୟକ ଓ ସନ୍ଧ୍ୟାରାଣୀ ସାହୁ ପରୀକ୍ଷା ପରିଚାଳନା କରିଥିବା ବେଳେ ମଦନ ମୋହନ ସେଠୀ, ଶଶିରେଖା ସେଠୀ, ଚନ୍ଦ୍ରଶେଖର ନାୟକ (ବଂଟି), ସନ୍ଦୀପ କୁମାର ମହାନ୍ତି, ଅନ୍ତର୍ଯ୍ୟାମୀ ନାୟକ, ଅଭୟ ଲୋଚନ ନାୟକ, ଭବାନୀ ଶଙ୍କର ପଣ୍ଡା ଏବଂ ସୋନେଶ କୁମାର ବଳଙ୍କ ସମେତ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବନ ମହୋତ୍ସବ ପାଳିତ

ସଜନାଗଡ଼(ନିପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତର ପଂଚଲିଙ୍ଗେଶ୍ୱର ଉଚ୍ଚ ନୋଡାଲ ବିଦ୍ୟାଳୟ ରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ପଂଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନଙ୍କ ତ୍ତ୍ୱାବଧାନ ରେ କୁଲଡିହାର ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ସ୍ଥାନୀୟ ସରପଂଚ ପୁରୁଷୋତମ ସେଠୀ, ୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ସମିତି ସଭ୍ୟ ଭୋଳାନାଥ ମାଝୀ, ପରିବେଶବିତ୍ ମନୋରଞ୍ଜନ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ପରିଡା, ଉ:ପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ଚୌଧୁରୀ, ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀଙ୍କ ଉପସ୍ଥିତ ରେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ ବିଷୟରେ ଆଲୋଚନା କରାଯାଇଥିଲା । ଏହାକୁ ଏକ ନାଟକୀୟ ଢଙ୍ଗରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାର ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ ବିଷୟବସ୍ତୁକୁ ନେଇ ପରିବେଷଣ କରାଯାଇଥିଲା । ଶେଷରେ ବିଦ୍ୟାଳୟ ପରିସରରେ ୧୦୦ ଟି ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଥିଲା । ଫରେଷ୍ଟ ଗାର୍ଡ ଜୟନ୍ତ ବେହେରା, ମୋନହରୀ ସିଂ, ଜୟଲକ୍ଷ୍ମୀ ମୁହାଁଣ,ଭାରତୀ ସିଂ, ରାକେଶ କୁମାର ବାରିକ,ଓ ସବୁଜବାହିନୀ ଓ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ଜଙ୍ଗଲ ସୁରକ୍ଷା ପାଇଁ ନାଟକୀୟ ଢଙ୍ଗରେ ପରିବେଷଣ କରି ସଚେତନତା ବାର୍ତ୍ତା ସୃଷ୍ଟି କରିଥିବା ଛାତ୍ର ଛାତ୍ରୀ ଦେବିଶ୍ରୀ ମଲ୍ଲିକ, ମାନସ ଲେଙ୍କା, ସନ୍ଧ୍ୟାରାଣୀ ସେଠୀ, ଇପ୍ସିତା ଧାଉଁଡିଆ ଙ୍କୁ ପୁରସ୍କୃତ କରାଯାଇଥିଲା ।

# ପୋଖରୀରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ଖୁଂଟା(ନିପ୍ର): ଦୁଃଖିଆ ମାଝୀ (୩୫) ଡାକ ନାମ ଲେପା । ବାପା ରାମ ଚନ୍ଦ୍ର ମାଝୀ । ଗାଧେଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ । ହେଲେ ଆଉ ଫେରି ନଥିଲେ । ଫେରିଥିଲା ତାର ମୃତ ଦେହ । ଏ ଦୁଃଖଦ ଖବର ପ୍ରଚାର ହେବା ମାତ୍ରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ଥିଲା ଦୂଖିଆ । ଏଭଳି ଦୁଃଖଦ ଘଟଣା ଘଟିଛି, ଖୁଂଟା ଥାନା ଅନ୍ତର୍ଗତ ଲକ୍ଷ୍ମଣାସାହି ଗ୍ରାମରେ । ପୋଖରୀକୁ ଗାଧେଇବାକୁ ଯାଇ,ଶୀଘ୍ର ନଫେରିବାରୁ ପରିବାର ଲୋକେ ଏବଂ ସାଙ୍ଗ ସାଥି ମାନେ ତାଙ୍କୁ ଚାରିଆଡ଼େ ଖୋଜା ଖୋଜି କରିଥିଲେ । ପୋଖରୀ ତୁଠରେ ପଡିଥିଲା ତାଙ୍କର ଜମା ପ୍ୟାଂଟ, ମୋବାଇଲ ଏବଂ ଗାଡି ଚାବି । ଯାହା ସମସ୍ତଙ୍କ ସନ୍ଦେହ ସୃଷ୍ଟି କରିଥିଲା କିଛି ଅଘଟଣ ଘଟିଛି ବୋଲି । ଖବର ପାଇ ଖୁଂଟା ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଂଚି, ପୋଖରୀ ଭିତରେ ବୁଡି ରହିଥିବା ମୃତକ ଦୁଖିଆ ମାଝୀର ଶବକୁ ଉଦ୍ଧାର କରି, ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଖୁଂଟା ପୋଲିସ ଘଟଣା ସ୍ଥଳରେ ପହଂଚି କେସ ନମ୍ବର ୩୫/ ୨୦୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ରିପୋର୍ଟ ଲେଖା ହେଲାବେଳକୁ ଶବ ଘଟଣା ସ୍ଥଳରେ ହିଁ ଥିଲା । ପ୍ରବଳ ବର୍ଷା ଏବଂ ରାତି ହେବାରୁ ଶବ ବ୍ୟବଚ୍ଛେଦ ବିଳମ୍ବ ହୋଇଛି । ସରକାରୀ ସ୍ତରରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ସବୁ ମହଲରୁ ଦାବୀ ହୋଇଛି ।

# ଆଜି ଆକାଶରେ ଘଟିବ ଏକ ଚମତ୍କାର ମହାଜାଗତିକ ଘଟଣା
# ସୂର୍ଯ୍ୟଠାରୁ ସର୍ବାଧିକ ଦୂରତାରେ ପହଂଚିବ ପୃଥିବୀ

ଭୋପାଳ: ଜ୍ୟୋତିର୍ବିଜ୍ଞାନ ପ୍ରତି ଆଗ୍ରହୀ ଲୋକଙ୍କ ପାଇଁ ସୋମବାର, ଜୁଲାଇ ୬ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ ହେବାକୁ ଯାଉଛି । ଏହିଦିନ, ଆମ ଗ୍ରହ ପୃଥିବୀ ବର୍ଷସାରା ସୂର୍ଯ୍ୟ ଠାରୁ ଏହାର ଦୂରତମ ବିନ୍ଦୁରେ ପହଂଚିବ । ମଧ୍ୟପ୍ରଦେଶର ଜାତୀୟ ପୁରସ୍କାର ବିଜେତା ଜ୍ୟୋତିର୍ବିଜ୍ଞାନ ପ୍ରସାରକ ସାରିକା ଘାରୁ ରବିବାର ଦିନ ଏହି ପ୍ରସଙ୍ଗରେ ବୈଜ୍ଞାନିକ ତଥ୍ୟ ସେୟାର କରି କହିଛନ୍ତି ଯେ ଜୁଲାଇ ୬ ତାରିଖ ରାତି ୧୧ଟାରେ ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଦୂରତା ସବୁଠାରୁ ଅଧିକ ହେବ । ଜ୍ୟୋତିର୍ବିଜ୍ଞାନରେ, ଏହି ଆଶ୍ଚର୍ଯ୍ୟଜନକ ସ୍ୱର୍ଗୀୟ ଘଟଣାକୁ ଏକ ଏଫିଲିଅନ୍ କୁହାଯାଏ । ସାରିକା ଦର୍ଶାଇଛନ୍ତି ଯେ ସୂର୍ଯ୍ୟ ଚାରିପଟେ ପୃଥିବୀର କକ୍ଷପଥ ସମ୍ପୂର୍ଣ୍ଣ ଗୋଲାକାର ପରିବର୍ତ୍ତେ ସାମାନ୍ୟ ଉପବୃତ୍ତାକାର ଅଟେ । ଏହି କାରଣରୁ, ବର୍ଷକୁ ଥରେ ପୃଥିବୀ ସୂର୍ଯ୍ୟର ସବୁଠାରୁ ନିକଟତର ଏବଂ ଥରେ ସବୁଠାରୁ ଦୂରରେ ରହିଥାଏ । ରବିବାର, ଜୁଲାଇ ୬ରେ ଏହି ସ୍ୱର୍ଗୀୟ ଘଟଣା ସମୟରେ, ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଦୂରତା ପ୍ରାୟ ୧୫୨ ନିୟୁତ କିଲୋମିଟରକୁ ବୃଦ୍ଧି ପାଇବ, ଯେତେବେଳେ ଜାନୁଆରୀ ୩ରେ ପୃଥିବୀ ସୂର୍ଯ୍ୟଙ୍କ ନିକଟତମ ଥିଲା । ଏହି ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଘଟଣାକୁ ପେରିହେଲିୟନ କୁହାଯାଏ ।



# ବଙ୍ଗୋପସାଗରରେ ସୃଷ୍ଟି ହେଲା ଅବପାତ

ଭୁବନେଶ୍ୱର,: ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଅବପାତ । ବାଲେଶ୍ୱରର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗର ୫୦ କିମି ଦୂରରେ ଅବପାତ ହୋଇଥିବାବେଳେ ଚାନ୍ଦବାଲିର ଉତରପୂର୍ବ ଦିଗର ୬୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି । ବତମାନ ପର୍ଶ୍ଚିମ-ଉତରପର୍ଶ୍ଚିମ ଦିଗରେ ଗତି କରୁଛି ଅବପାତ । ଓଡ଼ିଶା ଉପକୂଳକୁ ମାଡି ଆସୁଥିବାବେଳେ ଚାନ୍ଦବାଲି-ଦିଘା ମଧ୍ୟରେ ବାଲେଶ୍ୱର ନିକଟରୁ ୨୪ ଘଂଟା ମଧ୍ୟରେ ଅତିକ୍ରମ କରିବା ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି । ଓଡ଼ିଶା ସମେତ ଗୁଜରାଟ, ସୌରାଷ୍ଟ୍ର, ପର୍ଶ୍ଚିମ ମଧ୍ୟପ୍ରଦେଶକୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଏଥିସହ ଏହି ୩ଦିନ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ରବିବାର ବରଗଡ଼, ସମ୍ବଲପୁର ଏବଂ ନୂଆପଡ଼ା ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ନିଂ ଦିଆଯାଇଛି । ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ପାଣିପାଗ କେନ୍ଦ୍ରର ତଥ୍ୟ ଅନୁସାରେ, ଶନିବାର ସକାଳ ସାଢ଼େ ୮ଟାରୁ ଅପରାହ୍ନ ୫ଟା ୩୦ ମଧ୍ୟରେ କୋରାପୁଟ ଓ ବଲାଙ୍ଗୀରରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । କୋରାପୁଟରେ ୬୯.୨ ମି.ମି., ବଲାଙ୍ଗୀର ୬୭ ମି.ମି., ସୋନପୁର ୫୨ ମି.ମି, ଖୋର୍ଦ୍ଧା ୪୭ ମି.ମି., ଭୁବନେଶ୍ୱର ୪୫.୬ ମି.ମି. ଓ ଢେଙ୍କାନାଳ ୪୧ ମି.ମି. ବର୍ଷା ରେକର୍ଡ ହୋଇଛି ।





# ପଦ୍ମବିଭୂଷଣ ସମ୍ମାନିତ ତୀଜନ ବାଈଙ୍କ ବିୟୋଗରେ ଶୋକ ବ୍ୟକ୍ତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଦିନ ପଦ୍ମବିଭୂଷଣରେ ସମ୍ମାନିତ ହୋଇଥିବା ପ୍ରସିଦ୍ଧ ପାଣ୍ଡବନୀ ଲୋକ ଗାୟକ ତୀଜନ ବାଈଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ତାଙ୍କୁ ଭାରତୀୟ ଲୋକ କଳା ଏବଂ ସଂସ୍କୃତିର ଏକ ଅମୂଲ୍ୟ ପରମ୍ପରା ଭାବେ ବର୍ଣ୍ଣନା କରି ନେତାମାନେ କହିଥିଲେ ଯେ ତାଙ୍କ ବିୟୋଗରେ ଦେଶ ଜଣେ ଲୋକ କଳାକାରଙ୍କୁ ହରାଇଛି, ଯିଏକି ନିଜ କଳା ମାଧ୍ୟମରେ ଛତିଶଗଡ଼ର ପାଣ୍ଡବନୀ ପରମ୍ପରାକୁ ବିଶ୍ୱସ୍ତରରେ ସ୍ୱୀକୃତି ପ୍ରଦାନ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ 'ରେ ଲେଖିଛନ୍ତି,' ପାଣ୍ଡବନୀ କଳାକାର ତୀଜନ ବାଇ ଜୀଙ୍କ ଦେହାନ୍ତ ଖବର ଅତ୍ୟନ୍ତ ଦୁଃଖଦାୟକ । ସେ ନିଜର ଶକ୍ତିଶାଳୀ ସ୍ୱର, ପ୍ରଭାବଶାଳୀ ଉପସ୍ଥିତି ଏବଂ ଅନନ୍ୟ ପ୍ରଦର୍ଶନ ଦ୍ୱାରା ମଂଚରେ ମହାଭାରତର କାହାଣୀକୁ ଜୀବନ୍ତ କରିଥିଲେ । ନିଜର ଅସାଧାରଣ ପ୍ରତିଭା, ସମର୍ପଣ ଏବଂ ବର୍ଷ ବର୍ଷ ଧରି ଅଭ୍ୟାସ ଦ୍ୱାରା ସେ ଛତିଶଗଡ଼ର ସମୃଦ୍ଧ ପାଣ୍ଡବନୀ ପରମ୍ପରାକୁ ଜାତୀୟ ଏବଂ ଆନ୍ତର୍ଜାତୀୟ ମାନ୍ୟତା ପ୍ରଦାନ କରିଥିଲେ । ଭାରତୀୟ ସାଂସ୍କୃତିକ ଐତିହ୍ୟର ପ୍ରସାରରେ ତାଙ୍କର ଅମୂଲ୍ୟ ଅବଦାନ ସ୍ମରଣୀୟ ହୋଇ ରହିବ । ମୁଁ ତାଙ୍କ ପ୍ରିୟଜନ ଏବଂ ପ୍ରଶଂସକମାନଙ୍କୁ ମୋର ଗଭୀର ସମବେଦନା ଜଣାଉଛି । 'ଲୋକସଭା ବାଚସ୍ପତି ଓମ ବିର୍ଲା ତାଙ୍କ ଶୋକବାର୍ତାରେ କହିଛନ୍ତି ଯେ ତୀଜନ ବାଈଙ୍କ ବିୟୋଗରେ ଭାରତୀୟ ଲୋକ କଳା, ସଂସ୍କୃତି ଏବଂ ସଙ୍ଗୀତ ଜଗତ ଏକ ଅମୂଲ୍ୟ ରତ୍ନ ହରାଇଛି । ସେ କହିଥିଲେ ଯେ ତାଙ୍କ ଅନନ୍ୟ ଶୈଳୀ, ଶକ୍ତିଶାଳୀ ଅଭିବ୍ୟକ୍ତି ଏବଂ ଜୀବନ୍ତ ଉପସ୍ଥାପନା ମାଧ୍ୟମରେ, ତୀଜନ ବାଇ ଛତିଶଗଡ଼ର ପାରମ୍ପରିକ ପାଣ୍ଡବନୀ ଗାୟନ ଶୈଳୀକୁ ଜାତୀୟ ଏବଂ ଆନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରାଇଥିଲେ । ତାଙ୍କର ସମଗ୍ର ଜୀବନ ଲୋକ ପରମ୍ପରାର ସଂରକ୍ଷଣ, ପ୍ରଚାର ଏବଂ ପରବର୍ତୀ ପିଢ଼ି ପର୍ଯ୍ୟନ୍ତ ପ୍ରସାରଣ ପାଇଁ ଉତ୍ସର୍ଗୀକୃତ ଥିଲା ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ତୀଜନ ବାଇ ନିଜର ଭବ୍ୟ ପ୍ରଦର୍ଶନ ଜରିଆରେ ସମଗ୍ର ବିଶ୍ୱରେ ଛତିଶଗଡ଼ର ପାଣ୍ଡବାଣୀ ଲୋକକଳାକୁ ଏକ ଅନନ୍ୟ ପରିଚୟ ପ୍ରଦାନ କରିଛନ୍ତି । ତାଙ୍କ ବିୟୋଗ କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି । ତାଙ୍କ ପରିବାର ଏବଂ ପ୍ରଶଂସକଙ୍କ ପ୍ରତି ସମବେଦନା ଜଣାଇ ପ୍ରଧାନମନ୍ତ୍ରୀ 'ଓମ୍ ଶାନ୍ତି!' କହିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ତୀଜନ ବାଇ ତାଙ୍କ ଅନନ୍ୟ ପ୍ରତିଭା ଏବଂ ସମର୍ପଣ ଦ୍ୱାରା ପାଣ୍ଡବନୀ ଲୋକ କଳାକୁ ଏକ ଅନନ୍ୟ ପରିଚୟ ଦେଇଛନ୍ତି । ଛତିଶଗଡ଼ର ଏହି ସମୃଦ୍ଧ ଲୋକ ପରମ୍ପରାର ସଂରକ୍ଷଣ ଏବଂ ପ୍ରୋତ୍ସାହନରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି । କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି ଯେ ତୀଜନ ବାଇ ତାଙ୍କ ଶକ୍ତିଶାଳୀ ସ୍ୱର ଦ୍ୱାରା ପାଣ୍ଡବନୀ ଲୋକ କଳାକୁ ଏକ ନୂତନ ପରିଚୟ ଦେଇଛନ୍ତି । ସେ କହିଥିଲେ ଯେ ତାଙ୍କ ବିୟୋଗ ଦେଶର କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ଏବଂ ଶୋକସନ୍ତପ୍ତ ପରିବାରକୁ ଏହି କ୍ଷତି ସହିବାକୁ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରି ଗଡ଼କରୀ କହିଛନ୍ତି, 'ଓମ୍ ଶାନ୍ତି' ।

# ସମବାୟ ମନ୍ତ୍ରଣାଳୟର ପଂଚମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ ଅମିତ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆସନ୍ତାକାଲି, ଜୁଲାଇ ୬, ୨୦୨୬ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ସମବାୟ ମନ୍ତ୍ରଣାଳୟର ପଂଚମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ । ଏହି ସମାରୋହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ର ପରିକଳ୍ପନା ଅନୁରୂପ ଏବଂ ଶ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ, ଯିଏ ସମବାୟ କ୍ଷେତ୍ରକୁ ଅଧିକ ସ୍ୱଚ୍ଛତା, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ସଂସ୍ଥାଗତ ସୁଦୃଢ଼ୀକରଣ ଏବଂ ତୃଣମୂଳ ସଶକ୍ତିକରଣ ଦିଗରେ ମାର୍ଗଦର୍ଶନ କରିଛନ୍ତି । ଗତ ପାଂଚ ବର୍ଷ ମଧ୍ୟରେ ମନ୍ତ୍ରଣାଳୟ ପ୍ରାଥମିକ କୃଷି ଋଣ ସମିତି, ସମବାୟ ବ୍ୟାଙ୍କ, ଦୁଗ୍ଧ ସମବାୟ ସମିତି, ସହରାଂଚଳ ସମବାୟ ସମିତି, ଜାତୀୟ ସ୍ତରୀୟ ସମବାୟ ସଂସ୍ଥା ଏବଂ ବହୁ-ରାଜ୍ୟ ସମବାୟ ସମିତି ପାଇଁ ଅନେକ ପରିବର୍ତନକାରୀ ପଦକ୍ଷେପ ଗ୍ରହଣ କରିଛି ।କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ, ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଶ୍ରୀ ଭଜନ ଲାଲ ଶର୍ମା, ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୃଷନ ପାଲ ଗୁର୍ଜର ଏବଂ ସମବାୟ ଏବଂ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୁରଲୀଧର ମୋହୋଲ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ । ସମବାୟ ମନ୍ତ୍ରଣାଳୟର ସଚିବ ଡକ୍ଟର ଆଶିଷ କୁମାର ଭୁଟାନୀ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଆତିଶ ଚନ୍ଦ୍ର ଏବଂ ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ବିଭାଗର ସଚିବ ଶ୍ରୀ ନରେଶ ପାଲ ଗଙ୍ଗୱାରଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ଜାତୀୟ ସମବାୟ ସଂସ୍ଥା, ସମବାୟ ସଂଘ, ସମବାୟ ବ୍ୟାଙ୍କ, ଦୁଗ୍ଧ ସମବାୟ ସମିତି, ଭାରତ ଟ୍ୟାକ୍ସି, ପାକ୍ସ ଏବଂ ସମବାୟ କ୍ଷେତ୍ରର ଅନ୍ୟ ଅଂଶୀଦାରମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀ ଅମିତ ଶାହ ମଧ୍ୟ ଏହି ଅବସରରେ ଅନେକ ପ୍ରମୁଖ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କରିବେ । ଏଥିମଧ୍ୟରେ ରହିଛି ୧୩୫ଟି ଗୋଦାମ ହସ୍ତାନ୍ତର, ୮୫ଟି ଗୋଦାମ ଉଦଘାଟନ ଏବଂ ୪୭ଟି ଶସ୍ୟ ସଂରକ୍ଷଣ ଗୋଦାମ ପାଇଁ ଭିତିପ୍ରସ୍ତର ସ୍ଥାପନ; ଅମୁଲ ଏବଂ ଏନ.ସି.ସି.ଏଫ୍. ଦ୍ୱାରା ସହକାର ବନ ର ଭୂମି ପୂଜନ, ଉତର ପ୍ରଦେଶର ବାରବାଙ୍କି ଏବଂ ମହାରାଷ୍ଟ୍ରର ଜଲଗାଓଁ ଠାରେ ବି.ବି.ଏସ୍.ଏସ୍.ଏଲ୍. ର ଟିସୁ କଲଚର ସୁବିଧାର ଭୂମି ପୂଜନ, ଏନ.ସି.ଡି. ୩.୦ ଏବଂ ଜିଓ-ଟ୍ୟାଗ୍ ମୋବାଇଲ୍ ଆପ୍ଲିକେସନ୍; ଏନ.ଡି.ଡି.ବି.ର ଦୁଗ୍ଧ ଯୋଗାଣ ସମୀକ୍ଷା ଡାସବୋର୍ଡ ପୋର୍ଟାଲର ଶୁଭାରମ୍ଭ, ସମବାୟ ଇନପୁଟ୍ ଏବଂ ସେବା ବିତରଣ ମଲ୍ଟି-ଷ୍ଟେଟ୍ ଲିମିଟେଡ୍ ଅଧୀନରେ ପଶୁମାନଙ୍କ ଉତ୍ପାଦକତା ସମ୍ବନ୍ଧୀୟ ପଦକ୍ଷେପ, ସମବାୟ ଦୁଗ୍ଧ ଉତ୍ପାଦକ ସଂଗଠନ ମଲ୍ଟି-ଷ୍ଟେଟ୍ ଲିମିଟେଡ୍ ର ଉଦଘାଟନ, ଗୋମେ ସମବାୟ ସୋସାଇଟି ମଲ୍ଟି-ଷ୍ଟେଟ୍ ଲିମିଟେଡ୍ ର ଉଦଘାଟନ ଏବଂ ଦୁଇଟି ପ୍ରମୁଖ ଅନୁଷ୍ଠାନର ଉନ୍ମୋଚନ କରିବେ ।ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ପ୍ରମୁଖ ବିଶେଷତ୍ୱ ହେଉଛି ୫୦,୦୦୦ ପାକସକୁ ଇ-ପାକସରେ ରୂପାନ୍ତରିତ କରିବା, ଯାହା ତୃଣମୂଳ ସମବାୟ ଅନୁଷ୍ଠାନଗୁଡ଼ିକର ଡିଜିଟାଲ ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।ଏହି କାର୍ଯ୍ୟକ୍ରମ ସମୟରେ ବି.ବି.ଏସ୍.ଏସ୍.ଏଲ୍. ଏବଂ ଆଇ.ସି.ଏ.ଆର୍. ମଧ୍ୟରେ ବିହନ ପ୍ରଣାଳୀକୁ ସୁଦୃଢ଼ କରିବା ଲାଗି ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହେବ । ଏହି ଅବସରରେ ଶ୍ରୀ ଅମିତ ଶାହ ଦୁଗ୍ଧ ସମବାୟ ସମିତି ପାଇଁ ଆଦର୍ଶ ବାଇ-ଲ ଏବଂ ଗତ ପାଂଚ ବର୍ଷ ମଧ୍ୟରେ ସମବାୟ ମନ୍ତ୍ରଣାଳୟର ସଫଳତା ଉପରେ ଆଲୋକପାତ କରୁଥିବା ଏକ ପୁସ୍ତକ ଉନ୍ମୋଚନ କରିବେ ।

# ମଧ୍ୟପ୍ରଦେଶର ଶିବପୁରୀରେ ପ୍ରତିରକ୍ଷା କାରଖାନାର ଭିତିପ୍ରସ୍ତର ସ୍ଥାପନ କଲେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ




ଶିବପୁରୀ: ମଧ୍ୟପ୍ରଦେଶର ଶିବପୁରୀ ମଧ୍ୟ ଦେଶର ଉଦୀୟମାନ ପ୍ରତିରକ୍ଷା ଉତ୍ପାଦନ କେନ୍ଦ୍ର ମଧ୍ୟରେ ପରିଣତ ହେବାକୁ ଯାଉଛି । ରବିବାର ଦିନ କେନ୍ଦ୍ର ଯୋଗାଯୋଗ ଏବଂ ଡୋନର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଆଦାନୀ ଗ୍ରୁପ୍ ଦ୍ୱାରା ପ୍ରାୟ ୨୫୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ହେବାକୁ ଥିବା ଏକ ଅତ୍ୟାଧୁନିକ ପ୍ରତିରକ୍ଷା ଉତ୍ପାଦନ କାରଖାନାର ଭିତିପ୍ରସ୍ତର ସ୍ଥାପନ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ ଆଜି ଶିବପୁରୀ ଇତିହାସରେ ଏକ ନୂତନ ଅଧ୍ୟାୟ ଲେଖାଯାଉଛି । ଏହା କେବଳ ଏକ ପ୍ରତିରକ୍ଷା କାରଖାନାର ଭିତିପ୍ରସ୍ତର ନୁହେଁ, ବରଂ ଏହି ଜିଲ୍ଲାକୁ ଶିଳ୍ପ ବିକାଶ, ପ୍ରତିରକ୍ଷା ଉତ୍ପାଦନ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ଯୋଡ଼ିବାର ଏକ ଐତିହାସିକ ମୁହୂର୍ତ । ସେ କହିଥିଲେ ଯେ ଯେତେବେଳେ ବି ଦେଶର ସୁରକ୍ଷା ପାଇଁ ଯୁଦ୍ଧ ହେବ, ଶିବପୁରୀରେ ତିଆରି ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଦେଶର ସୀମାରେ ପହଂଚିବ ଏବଂ ଯୁଦ୍ଧରେ ଶତ୍ରୁଙ୍କ ଛାତି ଚିରିଦେବ । ଏଠାକାର ଯୁବକମାନଙ୍କ କଠିନ ପରିଶ୍ରମ ଦ୍ୱାରା ବିକଶିତ ଅସ୍ତ୍ରଶସ୍ତ୍ର ଏବଂ ମିଶନ-ପ୍ରସ୍ତୁତ କ୍ଷେପଣାସ୍ତ୍ର ଶତ୍ରୁମାନଙ୍କ ମୁକାବିଲା କରିବ ଏବଂ ଭାରତୀୟ ସେନାର ଶକ୍ତି ବୃଦ୍ଧି କରିବ । ଏହି ପ୍ରକଳ୍ପ ଦେଶର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ ସିନ୍ଧିଆ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବଙ୍କୁ ଜିଲ୍ଲା ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ମୂଲ୍ୟର ଏକ ସଡ଼କ ପ୍ରକଳ୍ପ ମଞ୍ଜୁର କରିବାକୁ ଦାବି କରିଥିଲେ । ସେ କହିଥିଲେ ଯେ ଶିବପୁରୀ ହେଉଛି ଭଗବାନ ଶିବଙ୍କ ସହର, ତେଣୁ ଏଠାରେ ୧୦୮ ଫୁଟ ଉଚ୍ଚତା ବିଶିଷ୍ଟ ଭଗବାନ ଶିବଙ୍କ ଏକ ଭବ୍ୟ ପ୍ରତିମୂର୍ତି ସ୍ଥାପନ କରାଯିବା ଉଚିତ । ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ସମ୍ପ୍ରସାରଣ ପାଇଁ ମଧ୍ୟ ସେ ଦାବି କରିଥିଲେ ।

# ଭଗବାନ ଓମକାରେଶ୍ୱର-ମାମାଲେଶ୍ୱର ପରିଦର୍ଶନ କଲେ ମୁଖ୍ୟ ନିର୍ବାଚନ କମିଶନର



ଇନ୍ଦୋର : ମଧ୍ୟପ୍ରଦେଶରେ ଅବସ୍ଥାପିତ ଥିବା ସମୟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଖାଣ୍ଡୱା ଜିଲ୍ଲାର ପ୍ରସିଦ୍ଧ ତୀର୍ଥ ସହର ଓମକାରେଶ୍ୱରରେ ଥିବା ଜ୍ୟୋତିରଲିଙ୍ଗ ଭଗବାନ ଓମକାରେଶ୍ୱର-ମାମାଲେଶ୍ୱର ପରିଦର୍ଶନ କରିଥିଲେ । ଏହି ସମୟରେ ସେ କହିଥିଲେ ଯେ ୨୩ ବର୍ଷ ଧରି ଚାଲିଥିବା ୧୨ଟି ଜ୍ୟୋତିର୍ଲିଙ୍ଗ ପରିଦର୍ଶନର ସଂକଳ୍ପ ପୂରଣ ହୋଇଛି ।ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ମଧ୍ୟପ୍ରଦେଶରେ ଦୁଇ ଦିନିଆ ରହଣି ସମୟରେ ଶନିବାର ରାତିରେ ଓମକାରେଶ୍ୱରରେ ପହଂଚିଥିଲେ । ବିଳମ୍ବିତ ରାତିରେ ସେ ତାଙ୍କ ପତ୍ନୀଙ୍କ ମାମଲେଶ୍ୱର ଜ୍ୟୋତିର୍ଲିଙ୍ଗରେ ପ୍ରଣାମ କରିଥିଲେ । ପଣ୍ଡିତ ନୀଲେଶ ପୁରୋହିତ ଏବଂ ସୁଧୀର ଅତ୍ରେଙ୍କ ଦ୍ୱାରା ବୈଦିକ ରୀତିନୀତି ପରିବେଷଣ କରାଯାଇଥିଲା । ଏହାପରେ ସେ ଶୟନ ଆରତୀରେ ଅଂଶଗ୍ରହଣ କରିଥିଲେ । ଏକ ରାତି ବିରତି ପରେ, ମୁଖ୍ୟ ନିର୍ବାଚନ କମିଶନର ରବିବାର ସକାଳେ ମାମଲେଶ୍ୱର ମନ୍ଦିରରେ ନର୍ମଦା ପୂଜା ଏବଂ ସ୍ୱତନ୍ତ୍ର ପୂଜା କରିଥିଲେ ।ଦର୍ଶନ ପରେ ମୁଖ୍ୟ ନିର୍ବାଚନ କମିଶନର ଭାବବିହ୍ୱଳ ହୋଇ କହିଥିଲେ ଯେ ସେ ୨୦୦୩ ମସିହାରେ ଦେଶର ସମସ୍ତ ୧୨ଟି ଜ୍ୟୋତିର୍ଲିଙ୍ଗ ପରିଦର୍ଶନ କରିବାର ଶପଥ ନେଇଥିଲେ । ପ୍ରାୟ ୨୩ ବର୍ଷର ଏହି ଆଧ୍ୟାତ୍ମିକ ଯାତ୍ରା ଓମକାରେଶ୍ୱରରେ ସମାପ୍ତ ହୋଇଥିଲା । ସେ କହିଥିଲେ ଯେ ମହାଦେବଙ୍କ ଅସୀମ କୃପା ଦ୍ୱାରା ତାଙ୍କ ଜୀବନର ସଂକଳ୍ପ ସାକାର ହୋଇଛି ଏବଂ ଏହି ମୁହୂର୍ତ ଅତ୍ୟନ୍ତ ଭାବପ୍ରବଣ ଏବଂ ଅବିସ୍ମରଣୀୟ । ସେ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ଆଧ୍ୟାତ୍ମିକତାକୁ ସ୍ଥାନ ଦେବା ଉଚିତ । ତାଙ୍କ ମତରେ, ଆଧ୍ୟାତ୍ମିକତା ବ୍ୟକ୍ତିଙ୍କୁ ସକାରାତ୍ମକ ଶକ୍ତି, ଆତ୍ମବିଶ୍ୱାସ ଏବଂ ସେବା କରିବା ପାଇଁ ପ୍ରେରଣା ପ୍ରଦାନ କରିଥାଏ । ରାଷ୍ଟ୍ରର ପ୍ରଗତି, ସମାଜର ବିକାଶ ଏବଂ ମାନବୀୟ ମୂଲ୍ୟବୋଧକୁ ସୁଦୃଢ଼ କରିବା ଲାଗି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ଲାଗି ସେ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ ।ମୁଖ୍ୟ ନିର୍ବାଚନ କମିଶନରଙ୍କ ମନ୍ଦିର ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟାପକ ସୁରକ୍ଷା ଏବଂ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ମଧ୍ୟପ୍ରଦେଶ ନିର୍ବାଚନ ଆୟୋଗର କମିଶନର, ନିର୍ବାଚନର ବରିଷ୍ଠ ଅଧିକାରୀ, ଖଣ୍ଡୱା ଜିଲ୍ଲାପାଳ ଋଷଭ ଗୁପ୍ତା, ପୋଲିସ ଅଧୀକ୍ଷକ ଆଗମ ଜୈନ ଏବଂ ଜିଲ୍ଲା ପ୍ରଶାସନର ଅନେକ ଅଧିକାରୀ ଉପସ୍ଥିତ ଥିଲେ । ଦର୍ଶନ ପରେ ସିଇସି ଖରଗୋନ ଜିଲ୍ଲାର ଐତିହାସିକ ସହର ମହେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ, ଯେଉଁଠାରେ ସେ ଦେବୀ ଅହିଲ୍ୟାବାଇ ହୋଲକରଙ୍କ ପ୍ରାସାଦ (ମହେଶ୍ୱର ଦୁର୍ଗ) ପରିଦର୍ଶନ କରିବେ ।

# ଶ୍ରୀଲଙ୍କାକୁ ୧୦ ୱିକେଟ୍‌ରେ ହରାଇଲା ଭାରତ



ଗାଲେ: ଦ୍ରୁତ ବୋଲର ଗୁରନୂର ବ୍ରାରଙ୍କ ୧୦ ୱିକେଟ୍ ବଳରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନେପଚାରିକ 'ଏ' ଟେଷ୍ଟକୁ ଭାରତ ୧୦ ୱିକେଟ୍‌ରେ ଜିତି ନେଇଛି । ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାକୁ ଧ୍ରୁବ ଜୁରେଲଙ୍କ ଦଳ ୧-୦ରେ ଜିତି ନେଇଛି । ଏହି ଶୃଙ୍ଖଳାର ପ୍ରଥମ ନାଲି ବଲ୍ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା । ଏହି ମ୍ୟାଚ୍‌ର ପ୍ରଥମ ପାଳି ବ୍ରାର ୪/୭୭ ବୋଲିଂ ସଫଳତା ପାଇଥିଲା ବେଳେ ଦ୍ୱିତୀୟ ପାଳିରେ ୬୮ରନ୍‌ରେ ୬ ୱିକେଟ୍ ଝାଡ଼ି ମ୍ୟାଚ୍‌ରେ ମୋଟ ୧୦ ୱିକେଟ୍ ନେଇଥିଲେ । ତାଙ୍କର ଏହି ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ଶେଷ ଦିନରେ ଶ୍ରୀଲଙ୍କାର ଦ୍ୱିତୀୟ ପାଳି ୨୦୯ରେ ସୀମିତ ରହିଥିଲା । ଫଳରେ ଭାରତ ସମ୍ମୁଖରେ ମାତ୍ର ୩୩ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା । ଏହାକୁ ଭାରତ କୌଣସି ୱିକେଟ୍ ନ ହରାଇ ୬.୨ ଓଭରରେ ହାସଲ କରି ନେଇଥିଲା । ଘରୋଇ ଦଳ ପ୍ରଥମ ପାଳିରେ ୩୬୬ ରନ୍ ? କରିଥିଲା । ଜବାବରେ ସାଇ ସୁଦର୍ଶନ (୧୬୮)ଙ୍କ ଶତକ ଏବଂ ଦେବଦତ ପଡ଼ିକଲ (୯୪), ସାରଂଶ ଜୈନ (୭୦ଂଚ) ଓ ଜୁରେଲ (୫୩)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ୫୪୩ ରନ୍ କରିଥିଲା ।

# ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟି-୨୦ରେ ମିଳିଥିବା ପରାଜୟ ପରେ ଟିମ୍ ମ୍ୟାନେଜମେଂଟର ରଣନୀତି




ନୂଆଦିଲ୍ଲୀ : ଭାରତର ଟି-୨୦ ୱାର୍ଲ୍ଡ କପ୍ ଠାରୁ ନେଇ ଚାମ୍ପିଅନ ଟ୍ରଫି ଜିତି ସାରିଥିବା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସମୟ ଏବେ ଭାରତୀୟ କ୍ରିକେଟରେ ଚାଲିଛି । ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟି-୨୦ରେ ମିଳିଥିବା ପରାଜୟ ପରେ ଟିମ୍ ମ୍ୟାନେଜମେଂଟର ରଣନୀତି ଉପରେ ଆଙ୍ଗୁଠି ଉଠିଛି । ଏହି ମଧ୍ୟରେ କଂଗ୍ରେସର ବରିଷ୍ଠ ନେତା ତଥା ଜଣାଶୁଣା ଆଇନଜୀବୀ ଅଭିଷେକ ମନୁ ସିଂଘଭି ଭାରତୀୟ ଟିମର ସଦ୍ୟତମ ପ୍ରଦର୍ଶନ ଓ କୋଚ୍ ଗମ୍ଭୀରଙ୍କ ନିଷ୍ପତିରେ ଏମିତି ଶକ୍ତ ପ୍ରହାର କରିଛନ୍ତି, ଯାହାକି କ୍ରିକେଟର ମାହୋଲକୁ ସରଗରମ କରିଛି । ସିଂଘଭି ସିଧାସଳଖ ସିଷ୍ଟମ ଉପରେ ପ୍ରଶ୍ନ କରିଛନ୍ତି । କେକେଆରରେ କୋଚିଂ ସମୟର ସାଥୀ ହର୍ଷିତ ରାଣାଙ୍କୁ ଟିମ୍ ଇଣ୍ଡିଆରେ ଲଗାତାର ମିଳୁଥିବା ସୁଯୋଗ ଉପରେ ମଧ୍ୟ ସେ ଟାର୍ଗେଟ କରିଛନ୍ତି ।ଅଭିଷେକ ମନୁ ସିଂଘଭି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଭାରତୀୟ ଦଳର ଦୁର୍ଦ୍ଦଶାକୁ ନେଇ ଗଭୀର କ୍ରୋଧ ପ୍ରକାଶ କରିଛନ୍ତି । ସେ ସ୍ପଷ୍ଟ ଭାବେ କହିଛନ୍ତି - ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ କେବଳ ମ୍ୟାଚ୍ ନୁହେଁ, ଏହାର ଦି ଗ ହରାଉ ଥି ବା ନଜର ଆସୁଛି । ସିଂଘଭିଙ୍କ ଏହି ଆକ୍ରମଣ ଗମ୍ଭୀରଙ୍କ ସେହି ପ୍ରଭାବ ଏବଂ ଆକ୍ରମଣାତ୍ମକ ମନୋଭାବ ଉପରେ ସିଧାସଳଖ ଟାର୍ଗେଟ୍ କରିଛି, ଯାହା ଦ୍ୱାରା ସେ ଭାରତୀୟ ଦଳର ନେତୃତ୍ୱ ପଦ ପାଇ ଥିଲେ । ସିଂଘଭି ଲେଖିଛନ୍ତି ଯେ, ଇଂଲଣ୍ଡ ବିପକ୍ଷ ପରାଜୟ ଏକ ସ୍ପଷ୍ଟ ସ୍ମରଣ କରାଉଛି ଯେ, କେବଳ ଅତୀତର ଖ୍ୟାତି ଏବଂ ପ୍ରତିଷ୍ଠା ଉପରେ ନିର୍ଭର କରି ଜଣକୁ ଅନ୍ତର୍ଜାତୀୟ ଦଳର ପ୍ରଶିକ୍ଷକ କରାଯାଇ ପାରିବ ନାହିଁ । ମୈଦାନରେ ଫଳାଫଳ ଏବଂ ସଠିକ୍ ରଣନୀତି ଦେଖାଇବା ଆବଶ୍ୟକ, କେବଳ କାଗଜପତ୍ର ଦାବି ନୁହେଁ ।ସିଂଘଭିଙ୍କ ଏହି କ୍ରିକେଟ୍ ବିଶ୍ଳେଷଣରେ ଯେଉଁ କଡ଼ା ପ୍ରଶ୍ନ ଉଠିଛି, ତାହା ଯୁବ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସିଧାସଳଖ ଟାର୍ଗେଟ୍ କରିଛି । ସିଂଘଭି ଖୋଲାଖୋଲି ପଚାରିଛନ୍ତି, ହର୍ଷିତ ରାଣା ପ୍ଲେଇଂ ଇଲେଭନରେ ଏମିତି କଣ ଭାଲ୍ୟୁ ଯୋଡୁଛନ୍ତି ଯେ, ତାଙ୍କୁ ବାରମ୍ବାର ଚୟନ କରାଯାଉଛି ? ଉଲ୍ଲେଖନୀୟ ଯେ, ଆଇପିଏଲରେ କେକେଆର ଦିନ ଠାରୁ ଗମ୍ଭୀର ଓ ହର୍ଷିତ ରାଣାଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର କନେକ୍ସନ ରହିଛି ଏବଂ ଯେବେ ଗମ୍ଭୀର ମୁଖ୍ୟ କୋଚ୍ ହେଲେ , ତ ରାଣାଙ୍କୁ ଲଗାତାର ସୁଯୋଗ ମିଳିଲା । କିନ୍ତୁ ଯେବେ ଇଂଲଣ୍ଡ ବିପକ୍ଷରେ ପୂରା ଟିମ ରଣନୀତି ଓ ବୋଲିଂ ଲାଇନ-ଅପ୍ ଫ୍ଲପ୍ ସାବ୍ୟସ୍ତ ହେଲା, ତ ଗମ୍ଭୀରଙ୍କୁ ଏହି ପସନ୍ଦର ଚୟନ ଉପରେ ସର୍ବ ପ୍ରଥମେ ଓ ବଡ଼ ପ୍ରଶ୍ନର ଟର୍ଗେଟ୍ ହୋଇଛି । ସିଂଘଭିଙ୍କ ଏହି ହମଲା ସ୍ପଷ୍ଟ କରୁଛି ଯେ, ଦାୟିତ୍ୱ କାହା ପାଇଁ ଇଚ୍ଛାଧୀନ ହୋଇ ପାରିବ ନାହିଁ, ସେ ମୁଖ୍ୟ ପ୍ରଶିକ୍ଷକ ହୁଅନ୍ତୁ କିମ୍ବା ତାଙ୍କ ପ୍ରିୟ ଖେଳାଳି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**